## ସଂକ୍ଷେପରେ

### ବ୍ରାହ୍ମଣୀ ମହାବିଦ୍ୟାଳୟ ଆର୍ଥିକ ପରିଚାଳନା ତ୍ରୁଟି ନେଇ ସ୍ୱତନ୍ତ୍ର ଅଡିଟ୍ ହେବ

ପଟ୍ଟାମୁଣ୍ଡାଇ,୧।୨(ସ୍ୱ.ପ୍ର.): ପଟ୍ଟାମୁଣ୍ଡାଇ ବ୍ଲକ ଧୋୟାଅଞ୍ଚଳର ଡାଣ୍ଡିସାହି ବ୍ରାହ୍ମଣୀ ମହାବିଦ୍ୟାଳୟରେ ଆର୍ଥିକ ଅନିୟମିତତା ଓ ତ୍ରୁଟି ନେଇ ଏକ ସ୍ୱତନ୍ତ୍ର ଅଡିଟ୍ ହେବ ବୋଲି ସରକାରଙ୍କ ଆର୍ଥିକ ଉପଦେଷ୍ଟା ତଥା ସ୍ୱତନ୍ତ୍ର ସଚିବ ଏକ ଚିଠି (୪୧୭୬/୨୦୨୦ )ମାଧ୍ୟମରେ ଜଣାଇଛନ୍ତି । ପ୍ରକାଶ ଯେ, ବ୍ରାହ୍ମଣୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ପ୍ରଭାକର ରାଉତ ଦାୟିତ୍ୱ ନେବା ସମୟରେ ବ୍ୟାପକ ଆର୍ଥିକ ଅନିୟମିତତା ହୋଇଥିବା ସରକାରଙ୍କ ଅର୍ଥ ବିଭାଗ ନଜରକୁ ଆସିଛି । ଫଳରେ ଆର୍ଥିକ ଉପଦେଷ୍ଟା ତଥା ସ୍ୱତନ୍ତ୍ର ସଚିବ ସୁରେଶ ପ୍ରସାଦ ତ୍ରିପାଠୀ, ଏଏଓ ଶିବଚରଣ ବେହେରା ଓ ଅଡିଟର୍ ଅପୂର୍ବ ଶବର ଆସନ୍ତା ୧୦ ତାରିଖରେ ମହାବିଦ୍ୟାଳୟରେ ଆର୍ଥିକ ଅନିୟମିତତାର ଅଡିଟ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆର୍ଥିକ ଅନିୟମିତତା ହୋଇଥିବା ନେଇ ପୂର୍ବତନ କେନ୍ଦ୍ରାପଡା ବିଧାୟକ କିଶୋର ଚନ୍ଦ୍ର ତରାଇ ଗତବର୍ଷ ସେପ୍ଟେମ୍ବର ୨୫ ତାରିଖରେ ଅଭିଯୋଗ କରିଥିଲେ । ଏହି ଅଭିଯୋଗକୁ ଭିତ୍ତି କରି ସରକାରଙ୍କ ନିର୍ଦ୍ଦେଶରେ ଅର୍ଥ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଅଡିଟ୍ କରାଯିବ । ଏ କ୍ଷେତ୍ରରେ ବ୍ରାହ୍ମଣୀ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ସମସ୍ତ ପ୍ରକାର ସହଯୋଗ କରିବାକୁ କୁହାଯାଇଛି ।

### ଗାନ୍ଧିଜୀଙ୍କ ମହାପ୍ରୟାଣ ଦିବସ ପାଳିତ

ରାଜକନିକା,୧।୨(ଡି.ଏନ.ଏ.): ରାଜକନିକା ବ୍ଲକ ଅଧୀନ କଣ୍ଠିଆହାଟସ୍ଥ ଖରସ୍ରୋତା ସାଂସ୍କୃତିକ ପରିଷଦରେ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି । ପରିଷଦର ସଭାପତି ଲକ୍ଷ୍ମୀଧର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସହକାରୀ ସଂପାଦକ ଗୋଲକ ବିହାରୀ ନାୟକ, ଶିକ୍ଷକ ମିତ୍ରଭାନୁ ସାମନ୍ତସିଂହାର, ସାମାଜିକ କର୍ମୀ ସୁଦାମ ଦାସ,ଶିବରାମ ଦାସ, କେନ୍ଦ୍ରାପଡା ଜିଲା ପରିଷଦର ପ୍ରାକ୍ତନ ସଭ୍ୟ ସନ୍ତୋଷ ମଲିକ, କବି ମଧୁସୂଦନ ବାରିକ , ଭୂଦାନ କର୍ମୀ ସରୋଜ କୁମାର ସାମଲ ପ୍ରମୁଖ ଯୋଗଦେଇ ଗାନ୍ଧିଜୀଙ୍କ ଜୀବନ ଦର୍ଶନ ଓ ଅହିଂସା ଅନ୍ଦୋଳନ ସଂପର୍କରେ ଆଲୋକପାତ କରିଥିଲେ । ପ୍ରଥମେ ଗାନ୍ଧିଜୀଙ୍କ ଫଟୋଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ ।

### ଗିରଙ୍ଗ ଗ୍ରାମରେ ସାଇ ପାଲିଙ୍କି ଯାତ୍ରା



ମାର୍ଶାଘାଇ,୧।୨(ଡି.ଏନ.ଏ.): ମାର୍ଶାଘାଇ ଥାନା ଗିରଙ୍ଗ ଗ୍ରାମରେ ଥିବା ସାଇ ମନ୍ଦିରରେ ମାଘ ସପ୍ତମୀ ଉପଲକ୍ଷେ ପାଲିଙ୍କି ଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଉପଦେଷ୍ଟା ଦିଲୀପ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ବନଜ ସ୍ୱାଇଁ,ପ୍ରଭାକର ବିଶ୍ୱାଳ ,ବିଦ୍ୟାଧର ରାଉତ ,ରମେଶ ସ୍ୱାଇଁଙ୍କ ସମେତ ଗ୍ରାମବାସୀଙ୍କ ସକ୍ରିୟ ସହଯୋଗରେ ସାଇ ପାଲିଙ୍କି ଯାତ୍ରା ଗିରଙ୍ଗ ଗ୍ରାମ ପରିକ୍ରମା କରିଥିଲା । ଗ୍ରାମର ପ୍ରତ୍ୟେକ ବ୍ୟକ୍ତିଙ୍କ ଘରକୁ ନିମନ୍ତ୍ରଣ ଜରିଆରେ ସାଇଙ୍କ ପାଲିଙ୍କି ଯାତ୍ରା ଯାଇଥିଲା । ସେଠାରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରି ସାଇଙ୍କ କୃପାଲାଭ କରିଥିଲେ । ଶୀତଳେଶ୍ୱରୀ ସଂକୀର୍ତ୍ତନ ମଣ୍ଡଳୀଙ୍କ ସହାୟତାରେ ଗ୍ରାମର ମହିଳା ପୁରୁଷ ଏହି ପାଲିଙ୍କି ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

### ବନ୍ଧୁ ମିଳନ ଉତ୍ସବ

ମାର୍ଶାଘାଇ,୧।୨(ଡି.ଏନ୍.ଏ.) : ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କରିଲୋପାଟଣା ଜୟରାମ ଉଚ୍ଚ ବିଦ୍ୟାଳୟର ୧୯୭୮ ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ପୁରାତନ ଛାତ୍ର ତଥା ମାର୍ଶାଘାଇ ମହାବିଦ୍ୟାଳୟର ଅଧକ୍ଷ ଡ. ଅମିୟ କୁମାର ଜେନା ସଭାପତିତ୍ୱ କରିଥିଲେ । ଉପସଭାପତି ରୀତ ମହାନ୍ତି,ସଂପାଦକ ବିଜୟ କୁମାର ପଟ୍ଟନାୟକ ,ସହ ସଂପାଦକ ବିଦ୍ୟୁତ୍ ପ୍ରଭା ଦାସ ,କୋଷାଧକ୍ଷ ବାବୁଲି ବାରିକ ,ପ୍ରାଣଧନ ଜେନା ପ୍ରମୁଖ ଉପସ୍ଥିତ ରହି ସହପାଠୀ ଛାତ୍ରୀଛାତ୍ରଙ୍କୁ ଫୁଲତୋଡ଼ା ଦେଇ ବନ୍ଧୁତ୍ୱର ବାର୍ତ୍ତା ବାଣ୍ଟିଥିଲେ । ଏହି ଉତ୍ସବରେ ୬୦ ଜଣ ପୁରାତନ ଛାତ୍ରୀଛାତ୍ର ଯୋଗଦେଇ ଛାତ୍ର ଜୀବନର ସ୍ମୃତିଚାରଣ କରିଥିଲେ ।

# ସିବିଆଇ ତଦନ୍ତ ଦାବି କଲେ ରାଜ୍ୟ ସଭାପତି

## ସୂଚନା ଅଧିକାର ଅଭିଯାନ କର୍ମୀ ରଞ୍ଜନଙ୍କୁ ହତ୍ୟା ଅଭିଯୋଗ

କେନ୍ଦ୍ରାପଡା ଅଫିସ,୧।୨

କେନ୍ଦ୍ରାପଡା ଜିଲା ପାଟକୁରା ଥାନା ଅଧୀନ ମାଣିକପାଟଣା ଗ୍ରାମର ରଞ୍ଜନ ଦାସଙ୍କୁ କେହି ଦୁର୍ବୃତ୍ତ ଶୁକ୍ରବାର ରାତିରେ ହତ୍ୟା କରି ଫୋପାଡି ଦେଇଛନ୍ତି । ସୂଚନା ଅଧିକାର ଆଇନରେ ତଥ୍ୟ ମାଗି ସେ ହତ୍ୟାର ଶିକାର ହୋଇଛନ୍ତି ବୋଲି ତାଙ୍କ ଭିଣୋଇ ମହାକାଳପଡା ଥାନା ନଛିପଡା ଗ୍ରାମର ବଳରାମ ଦାସ ମାର୍ଶାଘାଇ ଥାନା ପୋଲିସ ନିକଟରେ ଅଭିଯୋଗ କରିଛନ୍ତି । ରଞ୍ଜନ ହେଉଛନ୍ତି ଓଡିଶା ସୂଚନା ଅଧିକାର ଅଭିଯାନ କେନ୍ଦ୍ରାପଡା ଜିଲା ଆବାହକ । ଗତ କିଛି ଦିନ ଧରି ସେ ମାର୍ଶାଘାଇ, ମହାକାଳପଡା, ଗରଦପୁର ବ୍ଲକ ଅଞ୍ଚଳ ତଥା ଜିଲାର ବହୁ ଦୁର୍ନୀତିକୁ ଲୋକଲୋଚନକୁ ଆଣିଥିଲେ । ଏଥିପାଇଁ ମଦ ମାଫିଆ ଠାରୁ ଆରମ୍ଭ କରି ପ୍ରଶାସକ, ରାଜନେତାଙ୍କ କୋପ ଦୃଷ୍ଟିରେ ଥିଲେ । ତାଙ୍କୁ ଜୀବନରୁ ମାରିଦେବା ପାଇଁ ବହୁବାର ଧମକ ମିଳିଥିବା ସେ ପରିବାର ସଦସ୍ୟଙ୍କୁ ଜଣାଇଥିଲେ । ଏପରିକି ଏସଡିପିଓ ରାଜୀବ ଲୋଚନ ପଣ୍ଡାଙ୍କ ନିକଟରେ ଗତ ୪ ଦିନ ତଳେ ତାଙ୍କୁ ହତ୍ୟା ଧମକ ଦିଆଯାଇଥିବା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ । କିନ୍ତୁ ପୋଲିସ କୌଣସି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଶନିବାର ସକାଳେ ମାର୍ଶାଘାଇ ଥାନା ଭଗବାନପୁର-ବେରୁହାଁ ରାସ୍ତାର ଏକ ନିଛାଟିଆ ସ୍ଥାନରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା । ଏହି ଘଟଣାର ତଦନ୍ତ ଭାର ସିବିଆଇ ନେଉ ବୋଲି ଓଡିଶା ସୂଚନା ଅଧିକାର ଅଭିଯାନ ରାଜ୍ୟ ସଭାପତି ପ୍ରଦୀପ ପ୍ରଧାନ ଦାବି କରିଛନ୍ତି ।

ସେ କହିଛନ୍ତି ଯେ, ରଞ୍ଜନ ଅଭିଯାନର ସକ୍ରିୟ କର୍ମୀ ହୋଇଥିବାରୁ ବହୁ ଦର୍ନୀତିଗ୍ରସ୍ତ ରାଜନେତା, ପ୍ରଶାସକ, ଚିଙ୍ଗୁଡି ଘେରି ବ୍ୟବସାୟୀ ଓ ଅନୁପ୍ରବେଶକାରୀଙ୍କ କୋପ ଦୃଷ୍ଟିରେ ଥିଲେ । ଏ ସମ୍ପର୍କରେ ସୂଚନା ଅଧିକାର ଅଭିଯାନର ସକ୍ରିୟ କର୍ମୀ ପ୍ରତାପ ଚନ୍ଦ୍ର ମହାନ୍ତି କହିଛନ୍ତି ଯେ, ଆରଟିଆଇ ମାଧ୍ୟମରେ ଭିତରକନିକାରେ ବେଆଇନ ନିର୍ମାଣକୁ ରଞ୍ଜନ ଲୋକଲୋଚନକୁ ଆଣିଥିଲେ । ସେହିପରି ଜଗତଜୋର ଓ ବଣପାଡରେ ଚିଙ୍ଗୁଡି ଘେରିକୁ ବିରୋଧ କରିଥିଲେ । ଏକ ଏନଜିଓ ପକ୍ଷରୁ ହୋଇଥିବା ୨୫ ଲକ୍ଷ ଟଙ୍କାର ଦୁର୍ନୀତିକୁ ଲୋକଲୋଚନକୁ ଆଣିଥିଲେ । ସେହିପରି କେନ୍ଦ୍ରାପଡା ଜିଲାରେ ଘୋଡା ବଳିକୁ ବନ୍ଦ କରିଥିବା ମିଛରେ ଦର୍ଶାଇ ଏହି ଏନଜିଓ ରାଷ୍ଟ୍ରପତିଙ୍କ ଠାରୁ ପୁରସ୍କାର ଆଣିବାକୁ ଚେଷ୍ଟା କରୁଥିବାର ପର୍ଦ୍ଦାଫାଶ କରିଥିଲେ । ଏଥିସହ ଆଦ୍ରଭୂମି ସୁରକ୍ଷା କମିଟିରେ ଯୋଗ ଦେଇ ବେଆଇନ ଚିଙ୍ଗୁଡି ଘେରି, ଅନୁପ୍ରବେଶ, ପାରାଦୀପ ଶିଳ୍ପାଞ୍ଚଳର ବର୍ଜ୍ୟବସ୍ତୁ ପରିଚାଳନାକୁ ବିରୋଧ କରି ଆସୁଥିଲେ । ଜିଲାରେ ବିଭିନ୍ନ ସ୍ଥାନରେ ହୋଇଥିବା ଖେଳପଡିଆ ନିର୍ମାଣ ସମ୍ପର୍କିତ ଦୁର୍ନୀତି, ମୂଷା ହାଜତ ମୃତ୍ୟୁ ଆଦି ବହୁ ସାମାଜିକ ଆନ୍ଦୋଳନରେ ସେ ଭାଗ ନେଇଥିବା ମହାନ୍ତି ପ୍ରକାଶ କରିଛନ୍ତି । ବେରୁହାଁ ଗ୍ରାମର ଲଳିତ ସେନାପତି କହିଛନ୍ତି ଯେ, ରଞ୍ଜନଙ୍କ ନିକଟରୁ ସର୍ବଦା ସୁସ୍ଥ ସମାଜ ଗଠନ ପାଇଁ ପ୍ରେରଣା ମିଳୁଥିଲା । ରଞ୍ଜନ ହତ୍ୟାକାଣ୍ଡ ସମ୍ପର୍କରେ ଏସଡିପିଓ ପଣ୍ଡା କୁହନ୍ତି ଯେ, ଅଭିଯୋଗକୁ ଭିତ୍ତି କରି ମାମଲା ରୁଜୁ ହେବା ସହ ତଦନ୍ତ ଆରମ୍ଭ ହୋଇଛି । ଜିଲା ପୋଲିସ ପକ୍ଷରୁ ହତ୍ୟାକାଣ୍ଡର ସମସ୍ତ ଦିଗକୁ ଅନୁଧ୍ୟାନ କରାଯାଉଛି । ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ତଦନ୍ତକୁ ତ୍ୱରାନ୍ୱିତ କରାଯିବ । ଅପରପକ୍ଷରେ ରଞ୍ଜନଙ୍କ ମୃତ୍ୟୁ ଖବର ପାଇଁ ସୂଚନା ଅଧିକାର ଅଭିଯାନର ରାଜ୍ୟସ୍ତରୀୟ କର୍ମକର୍ତ୍ତା ଚିତ୍ତରଞ୍ଜନ ବେହେରା, ବରିଷ୍ଠ ଆଇନଜୀବୀ ସୁଧୀର ମହାନ୍ତି, ସଞ୍ଜୁକ୍ତା ଦେବୀ, ଶ୍ରୀକାନ୍ତ ପାକଳ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିବା ସହିତ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି । ସେହିପରି କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ପକ୍ଷରୁ ରାଜେଶ ପଣ୍ଡାଙ୍କ ନେତୃତ୍ୱରେ ଶ୍ରଦ୍ଧାଞ୍ଜଳୀ ଦିଆଯାଇଛି ।

# ବଜେଟ ପ୍ରତିକ୍ରିୟା: କୃଷକ ଓ ମଧ୍ୟବିତ୍ତଙ୍କୁ ସୁହାଇବ

କେନ୍ଦ୍ରାପଡା ଅଫିସ, ୧।୨

କେନ୍ଦ୍ରଅର୍ଥମନ୍ତ୍ରୀନିର୍ମଳାସୀତାରମଣଚଳିତବର୍ଷରଅନ୍ତରୀଣବଜେଟଶନିବାରଉପସ୍ଥାପନ କରିଛନ୍ତି । ଏଥିରେ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ପାଇଁ ଅର୍ଥ ବ୍ୟବସ୍ଥା କରାଯାଇଛି । କେନ୍ଦ୍ରାପଡା ଜିଲାରେ ଏହି ବଜେଟ ନେଇ କେତେକ ବୁଦ୍ଧିଜୀବୀ ସକାରାତ୍ମକ ମନ୍ତବ୍ୟ ଦେଇଥିବା ବେଳେ ଅନ୍ୟ କେତେକ ବ୍ୟକ୍ତି ଏହା ଗତାନୁଗତିକ ବୋଲି ମତ ଦେଇଛନ୍ତି ।



“ କେନ୍ଦ୍ର ସରକାର ଧାନର ସହାୟକ ମୂଲ୍ୟ ଦେଢ଼ଗୁଣା ବୃଦ୍ଧି ପାଇଁ ନିର୍ବାଚନୀ ଇସ୍ତାହାରରେ ଉଲ୍ଲେଖ କରିଥିଲେ । ଚଳିତ ବଜେଟରେ ଏନେଇ କୌଣସି ସୂଚନା ନାହିଁ । ସେହିପରି ଜିଲାର ଜଳ ପରିଚାଳନା କୃଷି ପାଇଁ ଏକ ସମସ୍ୟା ହୋଇଛି । ବହୁ ସମୟରେ ଧାନ ଫସଲ ପାଣି ମଧ୍ୟରେ ବୁଡି ରହି ନଷ୍ଟ ହେଉଛି । ପାଣି ସହଣୀ ବିହନ ବିକାଶ ପାଇଁ ଯୋଜନାରେ ଉଲ୍ଲେଖର ଆବଶ୍ୟକତା ଥିଲା । ଶିଳ୍ପ ବିହୀନ ଏହି ଜିଲାରେ ମାନବ ସମ୍ବଳର ଉପଯୁକ୍ତ ବିନିଯୋଗ ପାଇଁ ସୁଯୋଗ ନାହିଁ । ବଜେଟରେ ଯୁବବର୍ଗଙ୍କ କର୍ମନିଯୁକ୍ତିକୁ ଗୁରୁତ୍ୱ ଦିଆଯାଇନାହିଁ । ଏହାବ୍ୟତୀତ ବଜେଟ ପାଇଁ ସମ୍ବଳ ଯୋଗାଡ କେନ୍ଦ୍ର ସରକାରଙ୍କ ପକ୍ଷରେ କଷ୍ଟକର ହେବ ।

**–ସାମାଜିକ କର୍ମୀ ଅମରବର ବିଶ୍ୱାଳ, କେନ୍ଦ୍ରାପଡା**



“ କୃଷି ପାଇଁ ବଜେଟରେ ଗୁରୁତ୍ୱ ଦିଆଯାଇଛି । କୃଷକଙ୍କ ପାଇଁ ପ୍ରଧାନମନ୍ତ୍ରୀ କୁସୁମ ଯୋଜନା, ଜଳ ଜୀବନ ମିଶନ, ଗ୍ରାମ୍ୟ ଉନ୍ନୟନ ତଥା ଜଳସେଚନ, ସାଗର ମିତ୍ର, ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ଶୀତଳଭଣ୍ଡାର ପରିଚାଳନା, କୃଷି ଉଡାନ, କିଶାନ ରେଳ ଆଦି ଯୋଜନା କୃଷକଙ୍କୁ କୃଷି ପ୍ରତି ଆକୃଷ୍ଟ କରିବ । ସେହିପରି ମଧ୍ୟବିତ୍ତ ପରିବାର ପାଇଁ ୫ ଲକ୍ଷ ଟଙ୍କା ଆୟର ଟିକସ ଛାଡ ସ୍ୱାଗତଯୋଗ୍ୟ ପଦକ୍ଷେପ । ଏଥିସହିତ ବିଭିନ୍ନ ଉନ୍ନୟନ ଯୋଜନାକୁ ତୁରନ୍ତ କାର୍ଯ୍ୟକାରୀ ପାଇଁ ଅର୍ଥ ବ୍ୟବସ୍ଥା କରିଥିବାରୁ ଏହା ସାଧାରଣ ଜନତାଙ୍କ ପାଇଁ ହିତକାରୀ ସାବ୍ୟସ୍ତହେବ ।

**– ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, କେନ୍ଦ୍ରାପଡା**



“ କେନ୍ଦ୍ର ସରକାର ଯୁବବର୍ଗଙ୍କୁ ଉପେକ୍ଷା କରିଛନ୍ତି । ବୈଷୟିକ ଜ୍ଞାନ କୌଶଳ ପ୍ରଶିକ୍ଷଣ ଓ ନିଯୁକ୍ତି କ୍ଷେତ୍ରକୁ ଏଥିରେ ଅଣଦେଖା କରାଯାଇଛି । ସେହିପରି ସ୍ୱାସ୍ଥ୍ୟସେବାରେ ବୈପ୍ଳବିକ ପରିବର୍ତ୍ତନ ଆବଶ୍ୟକ । ପ୍ରଥମେ ଏହାର ଭିତ୍ତିଭୂମି ସଜାଡିବା ଆବଶ୍ୟକ ହୋଇପଡିଛି । ବହୁସ୍ଥାନରେ କର୍ମଚାରୀଙ୍କ ଅଭାବ ଅଛି । ଆଗାମୀ ଦିନରେ କୃଷି ଯନ୍ତ୍ରପାତି, ସାର, ମଞ୍ଜି ଆଦିରେ ଥିବା ରିହାତି ଯୋଜନା ବନ୍ଦ ହୋଇଯିବା ଆଶଙ୍କା ରହିଛି । କେନ୍ଦ୍ର ସରକାରଙ୍କର ଏହା ଏକ ଗତାନୁଗତିକ ବଜେଟ ।

**–ସତ୍ୟରଞ୍ଜନ ସେନାପତି, ଛାତ୍ର, କେନ୍ଦ୍ରାପଡା**



“ ବଜେଟ ଉପସ୍ଥାପନ ସମୟରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟ କମିବା ଆଶା ଥିଲା । ଏ ସମ୍ପର୍କରେ କୌଣସି ଯୋଜନା ନ ଥିବା କେନ୍ଦ୍ରମନ୍ତ୍ରୀ ସୀତାରମଣଙ୍କ ବଜେଟ ଉପସ୍ଥାପନାରୁ ଜଣାପଡିଛି । ଯାନବାହନ ପରିବହନ କ୍ଷେତ୍ରରେ ଆଗଭଳି ଭଡା ବଢିବା ଆଶଙ୍କା ସୃଷ୍ଟି ହୋଇଛି । ଫଳରେ ବ୍ୟବସାୟୀ ଗୋଷ୍ଠୀଙ୍କୁ ଏହି ବଜେଟ ସୁହାଇବ । ନୋଟବନ୍ଦୀ, ଜିଏସଟି, ଏଫଡିଆଇ ଆଦିକୁ ମୋଦି ସରକାର ଲାଗୁ କରିଛନ୍ତି । ଏଫଡିଆଇରେ ବିଦେଶଗତ କମ୍ପାନୀ ସୁବିଧା ପାଇବାକୁ ଥିବା ବେଳେ ଦେଶର କୃଷକଙ୍କ ଉତ୍ପାଦର ସହାୟକ ମୂଲ୍ୟ ବୃଦ୍ଧିକୁ ଏଡାଇ ଦିଆଯାଇଛି । ଗୃହିଣୀ ହିସାବରେ ପରିବାର ଚଳାଇବା କଷ୍ଟହେବ ।

**– ଶୈଳବାଳା ରାଉତ, ଗୃହିଣୀ, ବାରହାପୁର, କେନ୍ଦ୍ରାପଡା**

# ନାଗରିକତ୍ୱ ସଂଶୋଧନ ଆଇନ ସଚେତନତା କାର୍ଯ୍ୟକ୍ରମ

ଆଳି,୧।୨(ଡି.ଏନ.ଏ)

ନିକଟରେ ହୋଇଥିବା ନାଗରିକତ୍ୱ ସଂଶୋଧନ ଆଇନ-୨୦୧୯ ବିଷୟରେ ସାଧାରଣ ଲୋକଙ୍କୁ ସଚେତନ କରାଇବା ନିମନ୍ତେ ଆଳି ଭାଜପା ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶନିବାର ପୂର୍ବାହ୍ନରେ ଯୁବନେତା ତଥା ଜିଲା ସହ ସଂଯୋଜକ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମହାକାଳପଡାର ଭାଜପା ନେତା ବିଜୟ ପ୍ରଧାନ ଉଦ୍‌ଘାଟନ କରିଥିଲେ । ଶତାଧିକ ଭାଜପା କର୍ମୀ ଏକ ଶୋଭାଯାତ୍ରାରେ ବାହାରି ଗୌଡପାଟଣା, ଆଳି ନୂଆବଜାର,ବାଲିସାହି ଆଦି ଅଞ୍ଚଳକୁ ଯାଇ ପ୍ରତ୍ୟେକ ପରିବାରକୁ ଭେଟି ନାଗରିକିତା ଆଇନ ସଂପର୍କରେ ସଚେତନ କରାଇଥିଲେ । ଏହି ସଚେତନତା ଶୋଭାଯାତ୍ରାରେ ପ୍ରମୋଦ ରାୟ,ବାବୁରାମ ରାଉତ,ଜିଲା ମହିଳା ମୋର୍ଚ୍ଚା ସାଧାରଣ ସଂପାଦିକା ପ୍ରିୟଦର୍ଶନୀ ନନ୍ଦ, ରଞ୍ଜିତ ରାଉତ, ଅମର ଜେନା, ଇନ୍ଦ୍ରମଣି ସାହୁ, ଦୁଷ୍ମନ୍ତ ବେହୁରା,ଗୋକୁଳ ମଲିକ, ବିଷ୍ଣୁପ୍ରସାଦ ମହାନ୍ତି, ସୌଭାଗ୍ୟ ସାମଲ, ବିଶ୍ୱରଞ୍ଜନ ପଣ୍ଡା, ଅରବିନ୍ଦ ମଥାନ, ଡମ୍ବରୁଧର ସାହୁ, ଭରତ ମଲିକ, ଅମର ବାରିକ, ଦେବେନ୍ଦ୍ର ମଲିକ ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କ ସମେତ ଶତାଧିକ ଭାଜପା କର୍ମୀ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମକୁ ମଣ୍ଡଳ ସଭାପତି ବାଦଲ ନନ୍ଦ,ରାଜେନ୍ଦ୍ର ସାମଲ,ରାଜେନ୍ଦ୍ର ବେହେରା ଓ ନିହାର ନାୟକ ପ୍ରମୁଖ ପରିଚାଳନା କରିଥିଲେ ।



ଲୋକଙ୍କୁ ସଚେତନ କରାଯାଉଛି ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୨।୨।୨୦୨୦ (ରବିବାର)**

■ ଆଓସିଏଲର ସଂରକ୍ଷଣ କ୍ଷମତା ମହୋତ୍ସବ ସଚେତନତା ରାଲି । **ସ୍ଥାନ**–ରାମ ମନ୍ଦିର, ତିନିମୁହାଣୀ, କେନ୍ଦ୍ରାପଡା, **ସମୟ**– ପୂର୍ବାହ୍ନ ୮ଟା ।

**୩।୨।୨୦୨୦ (ସୋମବାର)**

■ ମିଳିତ ଜନଶୁଣାଣି ଶିବିର । **ସ୍ଥାନ**–ଜିଲାପାଳ କାର୍ଯ୍ୟାଳୟ, କେନ୍ଦ୍ରାପଡା, **ସମୟ**–ପୂର୍ବାହ୍ନ ୧୦ଟା ୩୦ ମିନିଟ ।

**୪।୨।୨୦୨୦ (ମଙ୍ଗଳବାର)**

■ ବିଶ୍ୱ କର୍କଟ ଦିବସ ପାଳନ । **ସ୍ଥାନ**–ଜିଲା ମୁଖ୍ୟ ଚିକିତ୍ସାଳୟ, କେନ୍ଦ୍ରାପଡା, **ସମୟ**–ପୂର୍ବାହ୍ନ ୧୦ଟା

**୭।୨।୨୦୨୦ (ଶୁକ୍ରବାର)**

■ ଭିତରକନିକା ମହୋତ୍ସବ । **ସ୍ଥାନ**–ନଳିତାପାଟିଆ, ରାଜନଗର **ସମୟ**–ପୂର୍ବାହ୍ନ ୧୦ଟା ।

■ ହଜରତ ସୋଲେମାନ ସାହାଙ୍କ ବାର୍ଷିକ ଉତ୍ସବ । **ସ୍ଥାନ**–ବଡଘାଘରା, କେନ୍ଦ୍ରାପଡା, **ସମୟ**–ପୂର୍ବାହ୍ନ ୯ଟା

**୮।୨।୨୦୨୦ (ଶନିବାର)**

■ ରାଷ୍ଟ୍ରୀୟ ଲୋକ ଅଦାଲତ । **ସ୍ଥାନ**–କେନ୍ଦ୍ରାପଡା କୋର୍ଟ, **ସମୟ**–ପୂର୍ବାହ୍ନ ୧୦ଟା ।

■ ଭିତରକନିକା ମହୋତ୍ସବ । **ସ୍ଥାନ**–ନଳିତାପାଟିଆ, ରାଜନଗର **ସମୟ**–ପୂର୍ବାହ୍ନ ୧୦ଟା ।

■ ଜାତୀୟ ଶିଶୁ କନ୍ୟା ଦିବସ ପାଳନ **ସ୍ଥାନ**–ଟାଉନ ହଲ, କେନ୍ଦ୍ରାପଡା, **ସମୟ**–ପୂର୍ବାହ୍ନ ୧୦ଟା ।

■ ମୁକ୍ତାକାଶ ରଙ୍ଗମଞ୍ଚରେ କନ୍ଦରାସୁର ଦରବାର ପାଇଁ ଆଜ୍ଞାମାଳ ଶୋଭାଯାତ୍ରା । **ସ୍ଥାନ**–ଇଚ୍ଛାପୁରସ୍ଥ ଶ୍ରୀ ବଳଦେବ ଜୀଉମନ୍ଦିରରୁ ତିନିମୁହାଣୀ ଛକ । **ସମୟ**–ପୂର୍ବାହ୍ନ ୮ଟା ।

# ଗହୀର ବିଲ ମଝିରେ ପୋତାଯାଇଥିବା ମହିଳାଙ୍କ ମୃତଦେହ ଉଦ୍ଧାର : ହତ୍ୟା ସନ୍ଦେହ

ପାଟକୁରା,୧।୨(ଡି.ଏନ.ଏ.)

ଗରଦପୁର ବ୍ଲକ ତେଣ୍ଡାକୁଡା ପଞ୍ଚାୟତ ଆଳିଜଙ୍ଗା ଗ୍ରାମର ଏକ ଗହୀର ବିଲ ମଝିରେ ପୋତା ଯାଇଥିବା ଜଣେ ମହିଳାଙ୍କ ମୃତଦେହ ପାଟକୁରା ପୋଲିସ ଶନିବାର ଉଦ୍ଧାର କରିଛି ।

ପ୍ରକାଶ ଯେ, ଆଳିଜଙ୍ଗା ଗ୍ରାମର କ୍ଷୀରୋଦ କୁମାର ବେଉରା ସକାଳେ ବିଲକୁ ଯାଇଥିବା ବେଳେ ଏକ ବୁଦା ଉପରେ ମହିଳାଙ୍କ ଲୁଗାପଟା ପଡିଥିବା ଦେଖିଥିଲେ । ପାଖକୁ ଯିବାରୁ ପୋତା ହୋଇଥିବା କୌଣସି ମୃତଦେହର ଗୋଡ ଆଙ୍ଗୁଠି ଦେଖିବାକୁ ପାଇଥିଲେ । ଏ ନେଇ ସେ ଥାନାରେ ଜଣାଇବା ପରେ କୋରୁଆ ଫାଣ୍ଡି ଅଧିକାରୀ ମହମ୍ମଦ ଜାମସେଦ , ପାଟକୁରା ଥାନା ଆଇଆଇସି ସୁଜିତ କୁମାର ପ୍ରଧାନ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସେଠାରେ ପହଞ୍ଚି ଗାତ ଭିତରୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ମିଳିଥିବା ସୂଚନା ଅନୁଯାୟୀ, ଆଳିଜଙ୍ଗା ଗ୍ରାମର ବୁଢୀ ଜାଗୁଳେଇ ମନ୍ଦିର ପାର୍ଶ୍ୱରେ ଥିବା ଜଣେ ବ୍ୟକ୍ତିଙ୍କ ଘରେ ବିହାର ରାଜ୍ୟର ରାମନାରାୟଣ ସାହାଣୀ ପରିବାର ସହିତ ଭଡାରେ ରହୁଥିଲେ। ସେ ଏଠାରେ ରହି ଗୁପଚୁପ୍ ବ୍ୟବସାୟ କରନ୍ତି । ଶୁକ୍ରବାର ଠାରୁ ରାମ ନାରାୟଣଙ୍କ ଘରେ ତାଲା ପଡିଥିବା ବେଳେ କୌଣସି ସଦସ୍ୟ ନାହାନ୍ତି । ଉଦ୍ଧାର ହୋଇଥିବା ମୃତଦେହ ଗୁପଚୁପବାଲା ରାମ ନାରାୟଣଙ୍କ ନିକଟ ସମ୍ପର୍କୀୟ ବୋଲି ଆଳିଜଙ୍ଗା ଗ୍ରାମବାସୀ କହୁଛନ୍ତି । ଏ ନେଇ ପାଟକୁରା ଥାନାରେ ୧।୨୦୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ତେବେ କେଉଁ ପରିସ୍ଥିତିରେ ମହିଳାଙ୍କ ମୃତ୍ୟୁ ଘଟିଲା ଓ ମୃତଦେହ ବିଲରେ ପୋତାଗଲା ତାର ନିରପେକ୍ଷ ତଦନ୍ତ କରାଗଲେ ପ୍ରକୃତ ରହସ୍ୟ ଜଣାପଡିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

# ମହିଳାଙ୍କୁ କିରୋସିନ ଢାଳି ପୋଡ଼ି ମାରିବା ଉଦ୍ୟମ

## ବ୍ୟାଙ୍କରୁ ଋଣ ଠକେଇ

ରାଜନଗର,୧।୨(ଡି.ଏନ.ଏ.)

ଯୌତୁକ ପାଇଁ ଶାଶୁଘର ଲୋକେ ରାଜନଗର ବ୍ଲକ ବାରଦିଆ ଗାଁର ଜଣେ ମହିଳାଙ୍କୁ ଶନିବାର ସକାଳେ କିରୋସିନୀ ଢାଳି ନିଆଁ ଲଗାଇ ପୋଡି ମାରି ଦେବାକୁ ଉଦ୍ୟମ କରିବା ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି । ତାଙ୍କ ଶରୀରର ୮୦ଭାଗ ପୋଡିଯାଇଛି। ତାଙ୍କୁ ମୁମୂର୍ଷୁ ଅବସ୍ଥାରେ କଟକ ବଡ ମେଡିକାଲରେ ଭର୍ତ୍ତି କରାଯାଉଛି। ରାଜନଗର ଥାନା ସବ୍‌ଇନ୍ସପେକ୍ଟର ଅଜୟ କୁମାର ସାହୁ ବଡମେଡିକାଲରେ ପହଞ୍ଚି ସଂପୃକ୍ତ ମହିଳାଙ୍କ ବୟାନ ରେକର୍ଡ କରିଛନ୍ତି। ରାଜନଗର ଥାନା ଅନ୍ତର୍ଗତ ଧନେଶ୍ୱରପୁର ଗାଁର ବ୍ରହ୍ମାନନ୍ଦ ସାହୁଙ୍କ ଝିଅ ରଶ୍ମିତା ବାରଦିଆ ଗାଁର ତ୍ରୈଲୋଚନ ଦାସଙ୍କ ପୁଅ ବିକ୍ରମଙ୍କୁ ୨୦୧୮ ଜୁନ ମାସରେ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷଙ୍କ ଦାବି ମୁତାବକ ଯୌତୁକ ଦିଆଯାଇଥିଲା । କିନ୍ତୁ ବିବାହ ପରେ ଅଧିକ ଯୌତୁକ ଦାବି କରି ଶାଶୁଘର ଲୋକେ ରଶ୍ମିତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଏପରି କି ଅଧିକାଂଶ ସମୟରେ ଖାଇବାକୁ ମଧ ଦେଉ ନ ଥିଲେ। ଶନିବାର ସକାଳେ ଶଶୁର ,ଶାଶୁ, ଦିଅର ,ବିବାହିତା ନଣନ୍ଦ ପ୍ରମୁଖ ମିଶି ରଶ୍ମିତାଙ୍କ ଦେହରେ କିରୋସିନି ଢାଳି ନିଆଁ ଲଗାଇ ପୋଡି ମାରିଦେବାକୁ ମସୁଧା କରିଥିଲେ ବୋଲି ବାପଘର ପକ୍ଷରୁ ରାଜନଗର ଥାନାରେ ଅଭିଯୋଗ ହୋଇଛି । ଅଭିଯୁକ୍ତଙ୍କୁ ଧରିବା ପାଇଁ ତଦନ୍ତ ଜାରି ରହିଛି ବୋଲି ରାଜନଗର ଥାନା ଆଇଆଇସି ତପନ କୁମାର ନାୟକ କହିଛନ୍ତି ।

# ବାଦ୍ ପଡ଼ିଥିବା ହିତାଧିକାରୀ ପଞ୍ଚାୟତ କାର୍ଯ୍ୟାଳୟରେ ପକାଇଲେ ତାଲା

## ■ ବାସଗୃହ ଯୋଜନାରେ ହିତାଧିକାରୀ ଚୟନରେ ଅନିୟମିତତା

ଡେରାବିଶ,୧।୨(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଞ୍ଚଳରେ ବାସଗୃହ ଯୋଜନା ତାଲିକାରେ ଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦିଆଯାଇ ବହୁ ଅଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକାଭୁକ୍ତ ହୋଇଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ବ୍ଲକ ଅଧୀନ ଦାନପୁର ପଞ୍ଚାୟତରେ ବାସଗୃହ ଯୋଜନାରେ ସାମିଲ ହେବା ପାଇଁ ୫୬୨ ଜଣ ହିତାଧିକାରୀ ଆବେଦନ କରିଥିଲେ । ମାତ୍ର ୧୫୮ଜଣ ହିତାଧିକାରୀ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ୪୦୪ ଜଣ ଅଯୋଗ୍ୟ ବିବେଚିତ ହୋଇଥିବା ନେଇ ଗତ ୨୯ ତାରିଖରେ ଏକ ସରକାରୀ ବିଜ୍ଞପ୍ତି ପଞ୍ଚାୟତ କାର୍ଯ୍ୟାଳୟରେ ମରାଯାଇଥିଲା । ଏହାକୁ ଦେଖି ତାଲିକାରୁ ବାଦ ପଡିଥିବା ବହୁ ଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ତାଲିକାରୁ ବାଦ ପଡିଥିବା ଶତାଧିକ ହିତାଧିକାରୀ ଶୁକ୍ରବାର ପୂର୍ବାହ୍ନରେ ଦାନପୁର ପଞ୍ଚାୟତ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ଦେଇଥିଲେ । ଏହାଛଡା କାର୍ଯ୍ୟାଳୟ ଭିତରେ ଥିବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ବନେନ୍ଦୁ ସ୍ୱାଇଁଙ୍କୁ ଦୀର୍ଘ ୪ ଘଣ୍ଟା ଧରି ଅଟକ ରଖି ଯୋଗ୍ୟ ହିତାଧିକାରୀ କିପରି ଅଯୋଗ୍ୟ ହେଲେ ସେଥିନେଇ ବିଭିନ୍ନ ପ୍ରଶ୍ନ ପଚାରିଥିଲେ । ଏପରି କି ପଞ୍ଚାୟତ କାର୍ଯ୍ୟାଳୟରେ ଉପସ୍ଥିତ ଥିବା ସରପଞ୍ଚ ବିଭୁଦେନ୍ଦୁ ପଣ୍ଡା କାର୍ଯ୍ୟାଳୟ ଭିତରେ ଅଟକି ରହିଥିବା ଦେଖିବାକୁ ମିଳିଥିଲା । ଯେ ପର୍ଯ୍ୟନ୍ତ ବିଡିଓ ଘଟଣାସ୍ଥଳକୁ ନ ଆସିଛନ୍ତି ସେଯାଏ ପଞ୍ଚାୟତ କାର୍ଯ୍ୟାଳୟ ତାଲା ଖୋଲିବେ ନାହିଁ ବୋଲି ହିତାଧିକାରୀମାନେ ଜିଦ୍‌ରେ ଅଟଳ ରହିଥିଲେ । ଶେଷରେ ଚାନ୍ଦୋଳ ଫାଣ୍ଡି ପୋଲିସ ଘଟଣାସ୍ଥଳକୁ ଆସି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିବା ପରେ ଅପରାହ୍ନ୨ଟାରେ ତାଲା ଖୋଲାଯାଇ କାର୍ଯ୍ୟନିର୍ବାହୀଙ୍କୁ ଲୋକଙ୍କ କବଳରୁ ମୁକ୍ତ କରାଯାଇଥିଲା । ଏ ସମ୍ପର୍କରେ ସରପଞ୍ଚ ବିଭୁଦେନ୍ଦୁଙ୍କୁ ପଚାରିବାରେ କହିଛନ୍ତି ଯେ, ହିତାଧିକାରୀ ଚୟନ ବିଷୟରେ ସେ ଅବଗତ ନୁହନ୍ତି । ଅପରପକ୍ଷରେ ବିଡ଼ିଓ ଗୋପବନ୍ଧୁ ଭୋସାଗରଙ୍କୁ ପଚରାଯିବାରୁ ସେ କହିଲେ ଭୁଲବଶତଃ ଅଯୋଗ୍ୟ ହିତାଧିକାରୀଙ୍କ ନାମ ଯୋଗ୍ୟ ତାଲିକାଭୁକ୍ତ ହୋଇଥିଲେ ସେ ସମ୍ପର୍କରେ ଜନସାଧାରଣ ଅଭିଯୋଗ କରିବା ପାଇଁ ପ୍ରତ୍ୟେକ କାର୍ଯ୍ୟାଳୟରେ ସରକାରୀ ନିର୍ଦ୍ଦେଶନାମା ମରାଯାଇଛି । ଯଦି ଅଯୋଗ୍ୟ ଲୋକ ବାସଗୃହ ଯୋଜନାରେ ସାମିଲ ହୋଇଥିବା ଅଭିଯୋଗ ଆସେ ତେବେ ସରକାରୀ ସ୍ତରରେ ଦ୍ୱିତୀୟ ଥର ତଦନ୍ତ କରାଯିବା ପାଇଁ ପଦକ୍ଷେପ ନିଆଯିବ । ପଞ୍ଚାୟତ ଅନ୍ତର୍ଗତ ଦକ୍ଷବ୍ରହ୍ମପୁର ଗ୍ରାମର ନିର୍ମଳା ବେହେରା, ବିଜୟଲକ୍ଷ୍ମୀ ମହାନ୍ତି, ନିରୁପମା ତ୍ରିପାଠୀ, କାଦମ୍ବିନୀ ପଣ୍ଡା, କେଶରପୁର ଗ୍ରାମର ଭିନ୍ନକ୍ଷମ ଅମୂଲ୍ୟ ଓଝା, ନବପ୍ରସାଦ ନାୟକ ପ୍ରମୁଖ କହିଛନ୍ତି ସେମାନଙ୍କର ପକ୍କାଘର ନାହିଁ । ଚାଳଘରେ ସେମାନେ ଦୀଘଦିନ ହେବ ରହି ଆସୁଥିଲେ ହେଁ ଯୋଗ୍ୟ ତାଲିକାରେ ସେମାନଙ୍କ ନାମ ନାହିଁ । ପୁନର୍ବାର ଏହାର ନିରପେକ୍ଷ ତଦନ୍ତ କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ବାସଗୃହ ଯୋଜନାରେ ସାମିଲ କରିବାକୁ ସେମାନେ ଦାବି କରିଥିଲେ । ସେହିପରି ଚାନ୍ଦୋଳ ପଞ୍ଚୟେତରେ ଆବାସ ଯୋଜନାରେ ସାମିଲ ହେବା ନିମନ୍ତେ ଆବେଦନ କରିଥିବା ହିତାଧିକାରୀଙ୍କ ମଧ୍ୟରୁ ୧୫୭ ଜଣ ଯୋଗ୍ୟ ହିତାଧିକାରୀଙ୍କ ନାମ ପ୍ରକାଶ ପାଇଛି । ତେବେ ଯୋଗ୍ୟ ତାଲିକାରୁ ବାଦ ପଡ଼ିଥିବା ବହୁ ହିତାଧିକାରୀ ସେମାନଙ୍କ ନାମ ଜାଣିଶୁଣି ବାଦ ଦିଆଯାଇଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ।




ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଲୋକେ ପ୍ରତିବାଦ କରୁଛନ୍ତି ।

## ସଂକ୍ଷେପରେ

### ଉଧାର ଟଙ୍କା ମାଗିବାରୁ ଯୁବକଙ୍କୁ ଭୁଜାଲିରେ ଆକ୍ରମଣ

**ବିଞ୍ଝାରପୁର,୧।୨(ଡି.ଏନ.ଏ):** ବିଞ୍ଝାରପୁର ବ୍ଲକ କପିଳା ପଞ୍ଚାୟତରେ ଉଧାର ଟଙ୍କା ମାଗିବାକୁ ନେଇ ଜଣେ ଯୁବକଙ୍କୁ ଭୁଜାଲି ମାଡ଼ ହୋଇଥିବା ଅଭିଯୋଗ ହୋଇଛି। ସୂଚନାନୁଯାୟୀ, କପିଳା ଗ୍ରାମର ହଳଧର ମଲ୍ଲିକ ସେହି ଗ୍ରାମର ମନୋଜ ଦାସଙ୍କଠାରୁ ଦୁଇ ବର୍ଷ ତଳେ ୨୦ହଜାର ଟଙ୍କା କରଜ ନେଇଥିଲେ। ଶୁକ୍ରବାର ଅପରାହ୍ନରେ ମନୋଜ ହଳଧରଙ୍କୁ ଟଙ୍କା ମାଗିବାରୁ ଏଥିରେ ଉତକ୍ଷିପ୍ତ ହୋଇ ହଳଧର ଲୁଚାଇ ରଖିଥିବା ଭୁଜାଲି ଦ୍ୱାରା ମନୋଜଙ୍କୁ ଆକ୍ରମଣ କରିଥିଲେ। ଜୀବନ ବଞ୍ଚାଇବାକୁ ମନୋଜ ଦୁଇହାତ ଦେଖାଇ ଦେବାରୁ ହଳଧରଙ୍କ ଭୁଜାଲି ମାଡରେ ମନୋଜଙ୍କ ଦୁଇହାତ କଟିଯିବାରୁ ସେ ଗୁରୁତର ହୋଇଥିଲେ। ଘଟଣାସ୍ଥଳରୁ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ମନୋଜଙ୍କୁ ପ୍ରଥମେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଏ ନେଇ ବିଞ୍ଝାରପୁର ଥାନାରେ ଶୁକ୍ରବାର ମନୋଜ ଲିଖିତ ଅଭିଯୋଗ କରିଥିଲାବେଳେ ବିଞ୍ଝାରପୁର ପୋଲିସ ଏକ ମାମଲା (୨୨/୨୦) ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

### ଛାତ୍ରୀଙ୍କୁ ଦୁର୍ବ୍ୟବହାର, ଥାନାରେ ମାମଲା

**ରସୁଲପୁର,୧।୨(ଡିଏନଏ):** ରସୁଲପୁର ବ୍ଲକ ଓଡଙ୍ଗ ଗ୍ରାମର ଜଣେ ନାବାଳକ ଓ ତାଙ୍କ ସାଥୀ ସରସ୍ୱତୀ ପୂଜା ଦିନ ଜଣେ ୬ଷ୍ଠ ଶ୍ରେଣୀ ଛାତ୍ରୀ ଓ ତାଙ୍କ ସାଙ୍ଗଙ୍କୁ ଧମକ ଦେବା ସମ୍ପର୍କରେ ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଛାତ୍ରୀଙ୍କ ଜେଜେ ଏ ସମ୍ପର୍କରେ ଧର୍ମଶାଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ପୋଲିସ ପକ୍ଷରୁ ବିଦ୍ୟାଳୟକୁ ଆସି ପଚରା ଉଚୁରା କରାଯାଇଛି। ଅଭିଯୋଗରୁ ଜଣାଯାଏ, ଛାତ୍ରୀ ଓ ତାଙ୍କ ଦୁଇଜଣ ସାଙ୍ଗଙ୍କ ସହ ଭୋଗ ନେଇ ପୂଜା କରିବାକୁ ଓଡଙ୍ଗ ନୋଡାଲ ଉଚ୍ଚ ବିଦ୍ୟାଳୟକୁ ଆସୁଥିଲେ। ତାଙ୍କୁ ଜଣେ ନାବାଳକ ଓ ତାଙ୍କର ୪ଜଣ ସାଙ୍ଗ ଜଣେ ନବମ ଶ୍ରେଣୀ ଛାତ୍ର ସମ୍ପର୍କରେ ପଚରାଉଚୁରା କରିବା ସହ ତାଙ୍କ ସମ୍ପର୍କରେ ସୂଚନା ଦେବାକୁ ବାଧ କରିଥିଲେ। ଏଥିରେ ସେ ରାଜି ନ ହେଲେ ତାକୁ ଟେକି ନେବେ ବୋଲି ଧମକ ଦେଇଥିଲେ। ତେବେ ଏ ନେଇ ଛାତ୍ରୀମାନେ ଭୟଭୀତ ହୋଇ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଅଭିଯୁକ୍ତ ନାବାଳକଙ୍କୁ ପୋଲିସ ପଚରା ଉଚୁରା କରିବା ପରେ ତାଙ୍କୁ ବାଳାଶ୍ରମରେ ଛାଡି ଦେଇଛି।

# ଚିକିତ୍ସାରେ ଅବହେଳା ଯୋଗୁ ଗର୍ଭବତୀଙ୍କ ମୃତ୍ୟୁ

**ଯାଜପୁର ଟାଉନ,୧।୨(ଡିଏନଏ)**

ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ଅବହେଳାରୁ ରୋଗୀଙ୍କ ମୃତ୍ୟୁ ଏକ ନିୟମିତ ଘଟଣା ପାଲଟିଛି। ପୂର୍ବରୁ ଅନେକ ଥର ଚିକିତ୍ସାରେ ଅବହେଳା ଯୋଗୁ ଗର୍ଭବତୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲାବେଳେ ଶୁକ୍ରବାର ରାତିରେ ପୁଣି ଜଣେ ଗର୍ଭବତୀ

**ଉତ୍ତ୍ୟକ୍ତ ଲୋକଙ୍କ ଭଙ୍ଗାରୁଜା, ରାସ୍ତା ଅବରୋଧ**

ଉପଯୁକ୍ତ ଚିକିତ୍ସା ନ ପାଇ ଆଖି ବୁଜିଛନ୍ତି। ଏନେଇ ଉତ୍ତ୍ୟକ୍ତ ଲୋକେ ଡାକ୍ତରଖାନାରେ ଭଙ୍ଗାରୁଜା କରିବା ସହ ରାସ୍ତା ଅବରୋଧ କରିଥିବା ଦେଖିବାକୁ ମିଳିଥିଲା। ମୃତ ମହିଳା ମଙ୍ଗଳପୁର ଥାନା ଅସନପୁର ପଞ୍ଚାୟତ ଚଣ୍ଡିପୁର ଗ୍ରାମର ସରୋଜ କୁମାର ଜେନାଙ୍କ ସ୍ତ୍ରୀ ରୁବି ସ୍ମିତା ଜେନା(୨୮) ବୋଲି ଜଣାପଡ଼ିଛି।



ମହିଳାଙ୍କ ମୃତ ଦେହ ରଖି ସମ୍ପର୍କୀୟ ଓ ଗ୍ରାମବାସୀଙ୍କ ରାସ୍ତାରୋକୋ।

ପ୍ରକାଶ ଯେ, ରୁବି ସନ୍ତାନ ପ୍ରସବ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ଶୁକ୍ରବାର ରାତିରୁ ତାଙ୍କ ଗର୍ଭ ଯନ୍ତ୍ରଣା ବଢ଼ି ଚାଲିଥିବାବେଳେ ସ୍ୱାମୀ ଓ ସମ୍ପର୍କୀୟମାନେ ଡାକ୍ତରଙ୍କୁ ଡାକିବା ପାଇଁ ଦାୟିତ୍ୱରେ ଥିବା ନର୍ସଙ୍କୁ ବାରମ୍ବାର ଅନୁରୋଧ କରିଥିଲେ। ମାତ୍ର ସେମାନେ ରୁବିଙ୍କର ନର୍ମାଲ ଡେଲିଭରି ହେବ ବୋଲି କହି ତାଙ୍କୁ ପ୍ରସୂତି ଗୃହକୁ ନେଇ ନ ଥିଲେ। ରାତି ପାହି ଯାଇଥିଲେ ବି ଡାକ୍ତରଙ୍କର ଦେଖା ନ ଥିଲା। ଶେଷରେ ପିଲାଟି ପେଟରେ ଥିବା ଅବସ୍ଥାରେ ରୁବି ଆଖି ବୁଜି ଦେଇଥିଲେ। ରୁବିଙ୍କ ମୃତ୍ୟୁ ହେବା ଦେଖି ନିଜ ମୁଣ୍ଡକୁ ଦୋଷ ନ ନେବା ପାଇଁ ସମ୍ପୃକ୍ତ ଡାକ୍ତରଖାନା କର୍ତ୍ତୃପକ୍ଷ ରୁବିଙ୍କ ଅବସ୍ଥା ଭଲ ନାହିଁ କହି ମୃତଦେହକୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। କିନ୍ତୁ ରୁବି ମରିଯାଇଛି ବୋଲି ପରିବାର ଲୋକେ ଜାଣିବା ପରେ ଏହାର ପ୍ରତିବାଦ କରି ତାଙ୍କ ମୃତଦେହକୁ କୁସୁମା-ଡାକ୍ତରଖାନା ମୁଖ୍ୟରାସ୍ତା ଉପରେ ରଖି ପ୍ରତିବାଦ କରିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ସ୍ଥାନୀୟ ଲୋକେ ଏବଂ ରୁବିଙ୍କ ସମ୍ପର୍କୀୟମାନେ ସମ୍ପୃକ୍ତ ଡାକ୍ତର ଓ ନର୍ସଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଏବଂ ୧୦ଲକ୍ଷ ଟଙ୍କାର କ୍ଷତିପୂରଣ ଦାବି କରି ମୃତଦେହକୁ ରାସ୍ତା ଉପରେ ରଖି ଆନ୍ଦୋଳନ ଚଳାଇଛନ୍ତି। କିଛି ଉତ୍ତ୍ୟକ୍ତ ଲୋକ ମଧ୍ୟ ଡାକ୍ତରଖାନାରେ ଭଙ୍ଗାରୁଜା କରିଥିବା ଜଣାପଡିଛି। ସେମାନଙ୍କ ମଧ୍ୟରୁ ଜଣଙ୍କୁ ପୋଲିସ ଅଟକ ରଖିଥିବା ଜଣାପଡିଛି। ତେବେ ରୁବିଙ୍କ ମୃତ୍ୟୁ ନେଇ ମେଡିକାଲର ପ୍ରଶାସନିକ ଅଧିକାରୀ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ପ୍ରଫୁଲ୍ଲ ଦୀକ୍ଷିତଙ୍କୁ ପଚାରିବାରୁ, ରୁବିଙ୍କ ପରିବାର ପକ୍ଷରୁ ଲିଖିତଭାବେ ଅଭିଯୋଗ କରାଗଲେ ଏହା ଉପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଘଟଣାସ୍ଥଳରେ ଅତିରିକ୍ତ ତହସିଲଦାର କ୍ଷିରୋଦ କୁମାର ଦାସ ଉପସ୍ଥିତ ଥିଲେ।

### ବରଯାତ୍ରୀ ଯାଇଥିବା ଯୁବକଙ୍କୁ ହତ୍ୟା ଅଭିଯୋଗ

**ଯାଜପୁର ଟାଉନ,୧।୨(ଡିଏନଏ)**

ଯାଜପୁରରୁ ଭଦ୍ରକକୁ ବରଯାତ୍ରୀଭାବେ ଯାଇଥିବା ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ସଦର ଥାନାରେ ଅଭିଯୋଗ ହୋଇଛି। ଯାଜପୁର ନହରାପୁର ଗ୍ରାମର ପ୍ରଫୁଲ୍ଲ ସାମନ୍ତଙ୍କ ପୁଅ କୌଶିକ ସାମନ୍ତ (୩୩) ତାଙ୍କ ସାଙ୍ଗ ବାହାଘର ପାଇଁ ଶୁକ୍ରବାର ଭଦ୍ରକ କାଳିସାହିକୁ ବରଯାତ୍ରୀ ଭାବେ ଯାଇଥିଲେ। ସମସ୍ତ ବରଯାତ୍ରୀ ବାହାଘର ସାରି ଫେରି ଆସିଥିଲେ ମଧ୍ୟ କୌଶିକ ଘରକୁ ଫେରି ନ ଥିଲେ। ପରେ ସ୍ଥାନୀୟ ଲୋକେ କୌଶିକଙ୍କୁ ପୋଖରୀରୁ ଉଦ୍ଧାର କରି ଘର ଲୋକଙ୍କୁ ଖବର ଦେଇଥିଲେ। ଘରଲୋକେ ସେଠାରେ ପହଞ୍ଚି କୌଶିକଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଥିବା ଦେଖିବାକୁ ପାଇଥିଲେ। କୌଶିକଙ୍କୁ ହତ୍ୟା କରାଯାଇ ଗୋଟିଏ ପୋଖରୀରେ ପକାଇ ଦିଆଯାଇଛି ବୋଲି ମୃତକଙ୍କ ଦାଦା ପ୍ରଭାକର ସାମନ୍ତ ଭଦ୍ରକ ସଦର ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନାଧିକାରୀ ଏକ ମାମଲା (ନଂ.୭୭/୨୦୨୦) ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

# ରାସ୍ତାରେ ଧାନବସ୍ତା ରଖି ଅବରୋଧ

**ସଜନାଗଡ଼, ୧।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଅନ୍ତର୍ଗତ ଶେରଗଡ଼-ଉଦଳା ୧୯ନମ୍ବର ରାଜ୍ୟ ରାଜପଥ ଗରଡ଼ିହି ଛକଠାରେ ୪ଦଫା ଦାବି ନେଇ ଓଡ଼ିଶା କୃଷକ ସଭା ପକ୍ଷରୁ ରାସ୍ତାରେ ଧାନ ବସ୍ତା ରଖି ଶନିବାର ଦୀର୍ଘ ସମୟ ଧରି ଅବରୋଧ କରାଯାଇଥିଲା। ଫଳରେ ଉଭୟ ପାର୍ଶ୍ୱରୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଚାଷୀମାନଙ୍କର ଦାବି ସରକାରୀ



ଭାବେ ସମସ୍ତ ପଞ୍ଚାୟତରେ ସରକାରୀ ଧାନକ୍ରୟ କେନ୍ଦ୍ର ଖୋଲିବା, କ୍ଷୁଦ୍ର ଓ ବଡ଼ ଚାଷୀମାନଙ୍କୁ ଧାନକ୍ରୟ ପାଇଁ ଟୋକନ ବ୍ୟବସ୍ଥା, ଚଳିତବର୍ଷ ପୂର୍ବରୁ ଆଗ୍ରାହ୍ୟ ଟୋକନକୁ ଗ୍ରହଣଯୋଗ୍ୟ କରିବା ଏବଂ ଭାଗଚାଷୀଙ୍କଠାରୁ ଧାନକ୍ରୟ କରାଯିବା ନେଇ ରାସ୍ତାରୋକୋ କରାଯାଇଥିଲା। ମଧ୍ୟାହ୍ନ ୧୨ଟାରେ ନୀଳଗିରି ଉପଜିଲାପାଳ ହରିଶ୍ ଚନ୍ଦ୍ର ଜେନା, ଏଆର୍‌ସିଏସ୍, ନୀଳଗିରି ଯୋଗାଣ ଅଧିକାରୀ, ନୀଳଗିରି ଓ ମାଟିଆଳି ଲ୍ୟାମ୍ପର ଏମ୍‌ଡି ରାସ୍ତାରୋକୋ ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀମାନଙ୍କ ସହିତ ଆଲୋଚନା କଲା ପରେ ୪ଟି ଦାବିକୁ ଅଧିକାରୀମାନେ ଗ୍ରହଣ କରିନେଇଥିଲେ। ଏହାପରେ କୃଷକ ସଂଘ ପକ୍ଷରୁ ରାସ୍ତାରୋକୋ ହଟାଯାଇଥିଲା। ଏହି ରାସ୍ତାରୋକୋରେ ଯୋଗାନନ୍ଦ ଦାସ, ବିଜୟ ପାତ୍ର, ରାମଚନ୍ଦ୍ର ସ, ଲକ୍ଷ୍ମୀଧର ସାହୁ, ମକରନ୍ଦ ମଣ୍ଡଳ, ପୁରସ୍ତମ ବେହେରା, ସୁରେଶ ନାୟକ, ସତ୍ୟଜିତ୍ ସାହୁଙ୍କ ନେତୃତ୍ୱରେ ଶତାଧିକ ଚାଷୀ ସାମିଲ୍ ଥିଲେ।

# ପଞ୍ଚାୟତ କାର୍ଯ୍ୟନିର୍ବାହୀ ନିଲମ୍ବିତ

**ଚଣ୍ଡିଖୋଲ,୧।୨(ଡ଼ି.ଏନ.ଏ)**

ବଡ଼ଚଣା ବ୍ଲକ ବାଲିପଡ଼ିଆ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ରାଜୀବ ମଲ୍ଲିକଙ୍କୁ ଯାଜପୁର ଜିଲାପାଳ ସରକାରୀ କାର୍ଯ୍ୟରେ ଅବହେଳା ପାଇଁ ନିଲମ୍ବନ କରିଛନ୍ତି। ଶୁକ୍ରବାର ଚିଠିନମ୍ବର ୧୧୨ରେ ଏ ସମ୍ପର୍କରେ ବଡ଼ଚଣା ବିଡିଓଙ୍କୁ ଜିଲା ପଞ୍ଚାୟତ ଅଧିକାରୀ ଏକ ପତ୍ର ମାଧ୍ୟମରେ ଜଣାଛନ୍ତି। ମଲ୍ଲିକ ଗତ କିଛିଦିନ ଧରି ସରକାରୀ କାର୍ଯ୍ୟରେ ଅବହେଳା କରୁଥିବା ନଜର ଆସିବା ପରେ ତଦନ୍ତ କରାଯାଇ ଜିଲାପାଳଙ୍କ ନିକଟକୁ ରିପୋର୍ଟ ପଠାଯାଇଥିଲା। ଜିଲାପାଳ ତାଙ୍କ ନିର୍ଦ୍ଦେଶନାମା ୧୦୭ରେ ନିଲମ୍ବନ କରିବାକୁ ନିର୍ଦ୍ଦେଶ ଦେବା ସହ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ସେ ଜିଲା ମୁଖ୍ୟାଳୟରେ କାର୍ଯ୍ୟ କରିବେ ବୋଲି ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ବଡ଼ଚଣା ବିଡିଓ ଅଜିତ ନାରାୟଣ ଗିରିଙ୍କୁ ପଚାରିବାରେ, ସରକାରଙ୍କ ଆଇନ ମୁତାବକ ଯେଉଁ କାର୍ଯ୍ୟ କରିବା କଥା ତାହା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଠିକ୍‌ଭାବେ ତୁଲାଇ ନ ଥିବା ଓ ଅବହେଳା ପ୍ରଦର୍ଶନ କରିଥିବା ହେତୁ ତାଙ୍କୁ ଜିଲାପାଳ ନିଲମ୍ବନ କରିଛନ୍ତି ବୋଲି କହିଛନ୍ତି।

# ଆନ୍ତଃ କ୍ଲବ କ୍ରିକେଟ: କେଡିଏମ୍ ଧର୍ମଶାଳା ବିଜୟୀ

**ଧର୍ମଶାଳା,୧।୨(ଡି.ଏନ୍.ଏ.)**

ଓଡିଶା କ୍ରିକେଟ ଆସୋସିଏଶନ ଓ ଜିଲା କ୍ରିକେଟ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ଚାଲିଥିବା ଆନ୍ତଃ କ୍ଲବ କ୍ରିକେଟ ଟର୍ନାମେଣ୍ଟର ଶନିବାର ଏମ୍‌ଟିଏସ୍ ଗୁଲଜାରନଗର ପାଟଣାକୁ ୫ ୱିକେଟରେ ପରାସ୍ତ କରି କେଡିଏମ୍ ଧର୍ମଶାଳା ଟିମ୍ ବିଜୟୀ ହୋଇଛି। ପ୍ରଥମେ ଏମ୍‌ଟିଏସ୍ ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୭ ୱିକେଟ ହରାଇ ୨୭୭ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୋହାନ ପ୍ରହରାଜ ୧୨୮ ଓ ଶିବଶଙ୍କର ସିଂ ୫୧ ରନ୍ କରିଥିଲେ। ବିପକ୍ଷ କେଡିଏମ୍ ପକ୍ଷରୁ ସଚିନ କୁମାର ସିଂ ୩ଟି ଓ ଯୋଗେଶ ସାହୁ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ। ଜବାବରେ କେଡିଏମ ଧର୍ମଶାଳା ଟିମ ୪୯.୧ ଓଭରରେ ୫ୱିକେଟ ହରାଇ ୨୭୮ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଆଶିଷ କୁମାର ଦାସ ୧୦୬ ଓ ମାନସ ରଞ୍ଜନ ମହାଲା ୪୧ରନ କରିଥିଲେ। ବିପକ୍ଷ ଏମ୍‌ଟିଏସ୍ ପକ୍ଷରୁ ଚନ୍ଦ୍ରକାନ୍ତ ମହାରଣା ୩ଟି ଓ ସୋହନ ପ୍ରହରାଜ ଗୋଟିଏ ୱିକେଟ ନେଇଥିଲେ। ଏହି ଖେଳକୁ ସୁବ୍ରତ ଜେନା ଓ ଅମିତ ପାଲ ପରିଚାଳନା କରିଥିବାବେଳେ ବାସୁ ଶେଖର ଓ ବାସୁଦେବ ମିଶ୍ର ସ୍କୋରରେ ସହାୟତା କରିଥିଲେ। ରବିବାର ଏମ୍‌ସିସି ଯାଜପୁର ଟାଉନ ସହିତ ବିଏମ୍‌ସିସି ଗୋଲକୁଣ୍ଡ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ ତ୍ରିନାଥ ସାହୁ ଜଣାଇଛନ୍ତି।

# ୪ ଦିନ ପରେ ହତ୍ୟାକାରୀ ପୁତୁରା ଗିରଫ

**ବାରିପଦା ଅଫିସ/ ବାଙ୍ଗିରିପୋଷି, ୧।୨(ଡ଼ି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଉପର ଉଚ୍ଚଡିହା ଗ୍ରାମରେ ଗତ ୨୭ ତାରିଖ ରାତିରେ ବନ୍ଦ କୋଠରିରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଗୁରା ସିଂ (୫୮)ଙ୍କୁ ତାଙ୍କ ପୁତୁରା ଉକ୍ତ ଗ୍ରାମର ମନୋଜ ସିଂ ହତ୍ୟା କରିଥିବା ନେଇ ପୋଲିସ ଶନିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛି। ପାରିବାରିକ କଳହ ଓ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମନୋଜ ଏହି ହତ୍ୟାକାଣ୍ଡ ଘଟାଇଥିବା ସଦର ଏସ୍‌ଡିପିଓ କେ.କେ. ହରିପ୍ରସାଦ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଗୁରା ତାଙ୍କ ଘରେ ଶୋଇଥିବା ବେଳେ ମନୋଜ ଏକ କଟୁରିରେ ତାଙ୍କୁ ହତ୍ୟା କରି ନିକଟସ୍ଥ ଏକ ପାଳଗଦାରେ

**ବନ୍ଦ କୋଠରିରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ଘଟଣା**

ତାହାକୁ ଲୁଚାଇ ଦେଇଥିଲେ। ୨୮ ତାରିଖରେ ସନ୍ଧାନୀ କୁକୁର ସହ ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଏ ନେଇ ବାଙ୍ଗିରିପୋଷି ଥାନାରେ ଏକ ମାମଲା (ନଂ.୧୧/୨୦) ରୁଜୁ କରି ପୋଲିସ ତଦନ୍ତ କରିଥିଲା। ସନ୍ଦେହରେ ମନୋଜଙ୍କୁ ଥାନାକୁ ଆଣି ପଚରାଉଚରା କରିବାରୁ ସେ ଗୁରାଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ୪ ଦିନ ପରେ ପୋଲିସ ହତ୍ୟାକରୀ ପୁତୁରା ମନୋଜଙ୍କୁ ଗିରଫ କରିଛି।

# ୪ ଟ୍ରାକ୍ଟର ଜବତ, ଜରିମାନା ଆଦାୟ

**ସିଂହପୁର/ବିଞ୍ଝାରପୁର,୧।୨(ଡିଏନଏ)**

**ବେଆଇନ ବାଲି ଉଠାଣବେଳେ ଚଢ଼ାଉ**

ବିଞ୍ଝାରପୁର ଥାନା ବରୀ ତହସିଲ ଅଧୀନ ଖରସ୍ରୋତା ନଦୀର ମଧୁସୂଦନପୁର ଘାଟ ନିକଟରୁ ବେଆଇନ ବାଲି ଚାଲାଣବେଳେ ମୋଟ ୫ଟି ଟ୍ରାକ୍ଟରକୁ ବରୀ ତହସିଲଦାର ପୁଷ୍ପଶ୍ରୀ ସାଣ୍ଡିଲ୍ ଜବତ କରିବା ସହିତ ୪୫ହଜାର ଟଙ୍କା ଜବତ କରିଛନ୍ତି। ଖବର ଅନୁଯାୟୀ, ଦୀର୍ଘଦିନ ହେବ ଏହି ଘାଟ ନିକଟରୁ ବେଆଇନଭାବେ ଘାଟକୂଳ, ସୁନ୍ଦରପୁର, ଚକ୍ରପୁର ଘାଟ ଓ ମନେଇଗଣ୍ଡରୁ ବାଲି ଚାଲାଣ କରାଯାଉଥିଲା। ଶନିବାର ବରୀ ତହସିଲଦାର ସାଣ୍ଡିଲ୍ ଓ ଆରଆଇ ସୁମନ୍ତ ମଳିକ ବିଞ୍ଝାରପୁର ପୋଲିସ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ବେଆଇନଭାବେ ବାଲି ଉଠାଉଥିବା ୫ଟି ଟ୍ରାକ୍ଟରକୁ ଜବତ କରିଥିଲେ। ୪ଟି ଟ୍ରାକ୍ଟରରୁ ୪୫ହଜାର ଟଙ୍କା ଜରିମାନା ଆଦାୟ କରି ଛାଡି ଦେଇଥିବାବେଳେ ଅନ୍ୟ ଗୋଟିଏ ଟ୍ରାକ୍ଟରକୁ ବରୀ ତହସିଲଦାର ପୋଲିସର ଜିମା ଦେଇଛି। ତେବେ ବିଞ୍ଝାରପୁର ତହସିଲ ଅଧୀନରେ ମଧ୍ୟ ବିଭିନ୍ନ ସ୍ଥାନରେ ଖରସ୍ରୋତା ନଦୀରୁ ବେଆଇନଭାବେ ବାଲି ଚାଲାଣ ହେଉଥିବା ଅଭିଯୋଗ ହେଉଛି। ବିଞ୍ଝାରପୁର ତହସିଲ କର୍ତ୍ତୃପକ୍ଷ ଏହିସବୁ ବାଲି ଘାଟଗୁଡିକ ଉପରେ ଚଢାଉ କରି ବେଆଇନ ବାଲି କାରବାର ରୋକିବାକୁ ସାଧାରଣରେ ଦାବି କରିଛନ୍ତି।

# ଗୋରୁ ବୋଝେଇ ଭ୍ୟାନ୍ ଜବତ, ୨ ଅଟକ

**ରସୁଲପୁର,୧।୨(ଡିଏନ)**

ରସୁଲପୁର ବ୍ଲକ ୧୬ନଂ ଜାତୀୟ ରାଜପଥରେ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ (ନଂ.ଓଡି୦୨ଏଫ-୨୯୪୭)କୁ କୁଆଖିଆ ପୋଲିସ ଜବତ କରିଛି। ଏହି ଭ୍ୟାନରେ ଥିବା ୨ଜଣ ଗୋରୁ ଚାଲାଣକାରୀଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା କରୁଛି। ପ୍ରକାଶ ଯେ, ଶନିବାର ଏକ ଗୋରୁ ବୋଝେଇ ପିକ୍‌ଅପ ଭ୍ୟାନ ଭୁବନେଶ୍ୱରର ବାଣୀବିହାର ପଥରବନ୍ଧ ବେହେରା ସାହି ଅଞ୍ଚଳରୁ ମୟୂରଭଞ୍ଜ ଜିଲାର ଦାରୋଗାଧିସ୍ଥିତ ସୁଧିଆପଡା ଅଞ୍ଚଳକୁ ଯାଉଥିଲା। ବଜରଙ୍ଗ ଦଳ ସଦସ୍ୟ ଗାଡ଼ିକୁ ପିଛା କରି କୁଆଖିଆ ବଜାର ନିକଟସ୍ଥ ବିଜୁନଗର ଏକ ହୋଟେଲ ସମ୍ମୁଖରେ ଭ୍ୟାନଟିକୁ ଅଟକାଇ ପୋଲିସକୁ ଖବର ଦେଇଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ-୪୪/୨୦) ରୁଜୁ କରି ତଦନ୍ତ ଜାରି ରଖିଛି।




# ଟ୍ରକ୍ ଧକ୍କାରେ ବାପାଙ୍କ ମୃତ୍ୟୁ, ପୁଅ ଆହତ

**ଡୁବୁରୀ,୧।୨(ଡିଏନଏ)**

କଳିଙ୍ଗନଗର ଥାନା ଡୁବୁରୀ-ନରଣପୁର ମୁଖ୍ୟରାସ୍ତାର ଶଗଡ଼ଗୁଳାସ୍ଥିତ ବିସି ମହାନ୍ତି ଫେରୋକ୍ରୋମ ପ୍ଲାଣ୍ଟ ମୁଖ୍ୟ ଫାଟକ ସମ୍ମୁଖରେ ଶନିବାର ଅପରାହ୍ନରେ ଏକ ଦୁର୍ଘଟଣା ଘଟିଥିଲା। ଫଳରେ ଜଣେ ବାଇକ ଆରୋହୀ ମୃତ୍ୟୁବରଣ କରିଥିବାବେଳେ ସାଙ୍ଗରେ ଥିବା ତାଙ୍କ ପୁଅ ଆହତ ହୋଇଛନ୍ତି। ମୃତକ ଜଣକ ହେଉଛନ୍ତି ଢେଙ୍କାନାଳ ଜିଲା ମାର୍ଥାପୁର ଅଞ୍ଚଳର ନିହାର ରଞ୍ଜନ ମିଶ୍ର(୬୦)। ସେ ଏକ ବାଇକ୍ (ଓଡି୦୪ଏଚ୍‌୮୪୧)ରେ ନିଜ ପୁଅଙ୍କୁ ବସେଇ ଡୁବୁରୀ ଆଡକୁ ଯାଉଥିବାବେଳେ ବିସି ମହାନ୍ତି କାରଖାନାରୁ କ୍ରୋମାଇଟ ଖଲାସ କରି ମୁଖ୍ୟ ରାସ୍ତାକୁ ଉଠୁଥିବା ଏକ ଟ୍ରକ (ନଂ. ଓଆର୦୪ଡି୫୧୦୫) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରେ ସାମୟିକ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ କଳିଙ୍ଗନଗର ଥାନା ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରବା ସହ ଆହତ ଦ୍ୱୟଙ୍କୁ ଟାଟାମେଡିକା ହସ୍ପିଟାଲକୁ ପଠାଇଥିଲା। ହେଲେ ସେଠାରେ ପ୍ରଭାତଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ପୁଅ ସୁସ୍ଥ ଥିବା ଜଣାଯାଇଛି। ସମ୍ପୃକ୍ତ କାରଖାନାରେ ଏବେ ମାତ୍ରାଧିକଭାବେ କ୍ରୋମାଇଟ ଖଲାସ କରାଯାଇଥିବାରୁ ବୋଝଇ ଗାଡିଗୁଡିକ ଖଲାସ କରିବା ପାଇଁ ମୁଖ୍ୟରାସ୍ତାରେ ଧାଡ଼ିରେ ଠିଆ ହେବାକୁ ପଡୁଛି। ବିପରୀତ ଦିଗରୁ ପ୍ରଭାତ ବାଇକରେ ଯାଉଥିବାବେଳେ ହଠାତ କାରଖାନା ଭିତରୁ କ୍ରୋମାଇଟ ଖଲାସ କରି ମୁଖ୍ୟରାସ୍ତାକୁ ଟ୍ରକଟି ଉଠିବା ସମୟରେ ବାଟୋଇ ହଠାତ ଜାଣି ପାରୁ ନ ଥିବାରୁ ଦୁର୍ଘଟଣା ଘଟୁଛି। ତେଣୁ କାରଖାନା ପକ୍ଷରୁ ନିଜସ୍ୱ ପାର୍କିଂୟାର୍ଡ ନିର୍ମାଣ କରିବା ପାଇଁ ଲୋକେ ଦାବି କରିଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ମାନ୍ଦାବସ୍ଥା ସୁଧାରିବାକୁ ହେଲାନି ବ୍ୟବସ୍ଥା

ଯାଜପୁର ଟାଉନ,୧।୨(ଡି.ଏନ୍.ଏ.)

କେନ୍ଦ୍ର ସରକାର ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ଶନିବାର ସାଧାରଣ ବଜେଟ ଆଗତ କରିଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବଜେଟକୁ ଉପସ୍ଥାପନ କରିଛନ୍ତି। ତେବେ ଏହି ବଜେଟରେ ଓଡ଼ିଶା ପାଇଁ ବିଶେଷ କିଛି ଖୁସି ଘୋଷଣା ନାହିଁ। ଐତିହ୍ୟ ଓ ପର୍ଯ୍ୟଟନର ବିକାଶ ପାଇଁ ଅନ୍ୟ ରାଜ୍ୟଗୁଡ଼ିକ ସ୍ଥାନ ପାଇଥିବାବେଳେ ଓଡ଼ିଶାର

**କେନ୍ଦ୍ର ବଜେଟ-୨୦୨୦-୨୧**

ନାମ ସ୍ଥାନ ପାଇନାହିଁ। ମଧ୍ୟବିତ୍ତ ଶ୍ରେଣୀର ଲୋକମାନେ ଯେତେ ପରିମାଣରେ ଫାଇଦା ପାଇବେ ବୋଲି ଆଶା ରଖିଥିଲେ ସେମାନଙ୍କୁ ନିରାଶ ହେବାକୁ ପଡିଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଧ ବିଶେଷ କିଛି ସୁବିଧା କରାଯାଇ ନାହିଁ। ଜିଲା ସଦରମହକୁମାରେ ମେଡିକାଲ କଲେଜ ଓ ହସ୍ପିଟାଲ ସ୍ଥାପନ ଘୋଷଣା କାର୍ଯ୍ୟକାରିତା ନେଇ ପ୍ରଶ୍ନବାଚୀ ମଧ ରହିଛି। ଶିକ୍ଷାକ୍ଷେତ୍ରରେ ପରିସ୍ଥିତିର ପରିବର୍ତ୍ତନ ପାଇଁ ମଧ କୌଣସି ପଦକ୍ଷେପ ନିଆଯାଇଥିବା ପରି ଲାଗୁନାହିଁ। ଦେଶରେ ଦେଖାଦେଇଥିବା ବେକାରୀ ସମସ୍ୟାର ନିରାକରଣ ପାଇଁ କୌଣସି ବଳିଷ୍ଠ ପଦକ୍ଷେପ ନିଆଯାଇନାହିଁ। ଶିଳ୍ପର ବିକାଶ ପାଇଁ ପୁଞ୍ଜି ନିବେଶକଙ୍କୁ ପ୍ରୋତ୍ସାହନ ଦିଆଯିବାର ବ୍ୟବସ୍ଥା କରାଯାଇଥିଲେ ହେଁ ନିବେଶକମାନେ କେତେ ପରିମାଣରେ ଆକୃଷ୍ଟ ହେବେ ତାହା ମଧ ସନ୍ଦୀହାନ। ମୋଟାମୋଟି ଭାବରେ ଚଳିତ ବଜେଟରେ ସେପରି କିଛି ବ୍ୟବସ୍ଥା ନାହିଁ ଯାହା ଅର୍ଥନୈତିକ ମାନ୍ଦାବସ୍ଥାକୁ ସୁଧାରି ଦେଶର ବିକାଶ ପଥରେ ଆଗ୍ରଗତି କରିପାରିବ। ଚଳିତ ବଜେଟକୁ ବିଭିନ୍ନ ମହଲରେ ଭିନ୍ନ ପ୍ରକାର ମତ ପ୍ରକାଶ ପାଇଛି।

## କେନ୍ଦ୍ର ବଜେଟ ମତାମତ



“ ୨୦୨୦-୨୦୨୧ ଆର୍ଥିକ ବର୍ଷ ପାଇଁ ପ୍ରସ୍ତୁତ ହୋଇଥିବା ବଜେଟ କୃଷି, ସାମାଜିକ, ଶିକ୍ଷା ତଥା ସ୍ୱାସ୍ଥ୍ୟ କ୍ଷେତ୍ରରେ କେନ୍ଦ୍ର ସରକାର ଦୃଢ଼ ପ୍ରତିବଦ୍ଧତା ଦର୍ଶାଇଥିବା ବେଳେ ଆଧାରିକ ସଂରଚନା, ଆୟକର ବିଭାଗ ତଥା ଷ୍ଟକ ମାର୍କେଟର କୌଣସି ପ୍ରକାରର ସନ୍ତୋଷଜନକ ଫଳ ଦେଇ ନାହିଁ। ଯେହେତୁ ବାର୍ଷିକ ବଜେଟ ଉପରେ ଦେଶର ସବୁ ବର୍ଗର ଲୋକଙ୍କ ନଜର ରହିଥାଏ ତେଣୁ ଜନତା ସରକାର ଙ୍କ ଠାରୁ କିଛି ଉନ୍ନତିମୂଳକ ଏବଂ ଲାଭଦାୟକ ଘୋଷଣା ଆଶା କରିଥାନ୍ତି। ଗୋଟିଏ ପକ୍ଷରେ ଦେଖିବାକୁ ଗଲେ ଚଳିତ ବର୍ଷର ବଜେଟ ଦେଶ ପାଇଁ ଉନ୍ନତମୂଳକ ପ୍ରତିତ ହଉଥିବାବେଳେ ସାଧାରଣ ବର୍ଗର ଲୋକଙ୍କ ପାଇଁ ଏହା ସନ୍ତୋଷଜନକ ପ୍ରମାଣିତ ହୋଇପାରି ନାହିଁ।

**- ଅଙ୍କିତା ରଥ, ଯୁକ୍ତ ୩ କଳା ବିଭାଗ ଛାତ୍ରୀ, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ**



“ ପୃଥିବୀରେ ଭାରତବର୍ଷ ୫ମ ଅର୍ଥନୈତିକ ଦେଶ ଭାବେ ପରିଚିତ। ତେବେ ଚଳିତ ବଜେଟରେ ମିଶ୍ରିତ ଫଳ ମିଳିବାର ସମ୍ଭାବନା ରହିଛି। ଟ୍ୟାକ୍ସ ସ୍ଲାବରେ ପରିବର୍ତ୍ତନ ଯୋଗୁ ଦେଶର ଜିଡିପି କ୍ଷେତ୍ରରେ ସୁଧାର ହେବାର ଆଶା କରାଯାଉଛି। ତେବେ ଗତ ୫ ବର୍ଷ ମଧ୍ୟରେ କରଦାତାଙ୍କ ସଂଖ୍ୟା ବୃଦ୍ଧି ହୋଇଥିବାରୁ ଦେଶର ଅର୍ଥନୈତିକ ଅଭିବୃଦ୍ଧି ହେବାର ଆଶା ଦେଖାଦେଇଛି।

**- ପ୍ରଲୁବ୍ଧ ଜେନା, ବ୍ୟାସନଗର**

“ ଚଳିତ ବଜେଟ ବହୁ ଭଲ ହୋଇଛି। ସାଧାରଣ ଲୋକଙ୍କୁ ଏହା ନିହାତି ସୁହାଇବ। କୃଷି ଓ କୃଷକଙ୍କୁ ଏଥିରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଓଡ଼ିଶାକୁ ସ୍ୱତନ୍ତ୍ର ଫୋକସରେ ରଖାଯାଇଛି। ଟ୍ୟାକ୍ସ ସ୍ଲାବ ବୃଦ୍ଧି ଦୀର୍ଘଦିନ ହେଲା ଅପେକ୍ଷା କରାଯାଇଥିଲା। ଦେଶର ସର୍ବାଙ୍ଗୀନ ବିକାଶରେ ଏହା ସହାୟକ ହେବ।



**- ଚନ୍ଦ୍ରଶେଖର ପଣ୍ଡା, ଆଡଭୋକେଟ ବ୍ୟାସନଗର**



“ ଏହି ବଜେଟ କେବଳ ପୁଞ୍ଜିପତି ଓ ବଡବଡ ବ୍ୟବସାୟୀଙ୍କୁ ସୁହାଇଲା ଭଳି ହୋଇଛି। ସାଧାରଣ ଲୋକଙ୍କୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଇଛି। ଆଗାମୀ ଦିନରେ ସାଧାରଣ ଲୋକଙ୍କୁ ବଞ୍ଚିବା ନେଇ କଷ୍ଟକର ହେବ।

**- ବିଦ୍ୟାଧର ମହାନ୍ତି, ଶ୍ରମିକ ନେତା ଯାଜପୁରରୋଡ**



“ ଦରଦାମ ନିୟନ୍ତ୍ରଣ ଦିଗରେ ଏହି ବଜେଟ କୌଣସି ପ୍ରକାର ସହାୟତା ହୋଇ ପାରିବ ନାହିଁ। ଫଳରେ ସାଧାରଣ ଲୋକ ଆର୍ଥିକ ଅନଟନର ଶିକାର ହେବେ। ସରକାର ସାଧାରଣ ଲୋକଙ୍କ ପାଇଁ ଚିନ୍ତା ନ କରି ଧନୀ ଶ୍ରେଣୀର ଲୋକଙ୍କ ପାଇଁ ବଜେଟ ହୋଇଛି। ଓଡିଶା ପାଇଁ ମଧ ବଜେଟରେ ସେତେଟା ସ୍ୱତନ୍ତ୍ରତା ନାହିଁ।

**- ବନ୍ଦିତା ପରିଡା, କଂଗ୍ରେସ ନେତ୍ରୀ,କୋରେଇ**

## ସଂକ୍ଷେପରେ

### ପୂର୍ବତନ ବ୍ଲକ ଅଧକ୍ଷଙ୍କ ମାତୃ ବିୟୋଗ

**ଧର୍ମଶାଳା,୧।୨(ଡିଏନଏ):** ଧର୍ମଶାଳା ବ୍ଲକ ପୂର୍ବତନ ଅଧକ୍ଷ କିଷାନ ପଣ୍ଡାଙ୍କ ମା' କନକଲତା ପଣ୍ଡାଙ୍କ ୯୧ ବର୍ଷ ବୟସରେ ଶନିବାର ଶାନ୍ତିବଜାର ଜାରକାଠାରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ସେ ଜଣେ ପରୋପକାରୀ, ଧର୍ମପରାୟଣା ମହିଳା ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପରିବାର ତଥା ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ତାଙ୍କ ପରଲୋକ ଖବର ପାଇ ଅବସରପ୍ରାପ୍ତ ବିଚାରପତି ଗଦାଧର ପଣ୍ଡା, ପୂର୍ବତନ ସାଂସଦ ରୀତା ତରାଇ, ଆଡ୍‌ଭୋକେଟ୍ ସନ୍ତୋଷ ତରାଇ, ଭାଜପା ନେତା ସର୍ବେଶ୍ୱର ବେହୁରା, ବିଜେଡି ନେତା ସଂଗ୍ରାମ ଜେନା, କୃଷକନେତା ବସନ୍ତ ପରିଡ଼ା, ପ୍ରେସ୍‌କ୍ଲବ ଉପଦେଷ୍ଟା ବଟକୃଷ୍ଣ ପରିଡ଼ା, ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ଡକ୍ଟର ଗୌତମ ଜେନା, କାହ୍ନୁଚରଣ ଦାଶ, ନାରାୟଣ ମଲିକ, ଅଖିଳ ସ୍ୱାଇଁ, କଳ୍ପତରୁ ସାହୁ, ମଦନ ନାୟକ, ପୂର୍ଣ୍ଣଚନ୍ଦ୍ର ଶତପଥୀ, ମିହିର ଖୁଣ୍ଟିଆ, ଅବିନେଶ୍ୱର ଶତପଥୀ, ମାନସ ରଞ୍ଜନ ଜେନା, ବିବେକାନନ୍ଦ ରାୟ, ସମିତିସଭ୍ୟ ମନୋଜ ରାଉଳ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ବିଧାୟକ ପ୍ରଣବ ବଳବନ୍ତରା,ପୂର୍ବତନ ବିଧାୟକ କାଙ୍ଗାଳି ଚରଣ ପଣ୍ଡା,ରବି ଲାବଣ୍ୟ, ବ୍ଲକ ଅଧକ୍ଷ ପ୍ରଭାତ ବଳବନ୍ତରାୟ, ପୂର୍ବତନ ବ୍ଲକ ଅଧକ୍ଷ ରମେଶ ଚନ୍ଦ୍ର ପରିଡା, ପୂର୍ବତନ ବ୍ଲକ ଉପାଧକ୍ଷ ଜଳଧର ମହାନ୍ତି ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

### ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ, ପୁରସ୍କାର ବିତରଣ

**ବରୀ,୧।୨(ସ୍ୱ.ପ୍ର):** ଯାଜପୁର ଜିଲା ବରୀ ବ୍ଲକ ଅଧୀନ ରମ୍ଭା ପଞ୍ଚାୟତର ବରୀ ମାଉଣ୍ଡସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଓ ପୁରସ୍କାର ବିତରଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ଶିକ୍ଷା ସହିତ ଖେଳ କସରତର ଆବଶ୍ୟକତା ରହିଛି ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ଶିକ୍ଷକ ନେତା ନରେନ୍ଦ୍ର କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ଶିକ୍ଷାଧିକାରୀ ଅଭୟ କୁମାର ବେହେରା, ପ୍ରାକ୍ତନ ଏବିଇଓ କପିଳ ଚରଣ ସାମଲ, ବାଙ୍କ ବିହାରୀ ପଣ୍ଡା, ସିଆରସିସି ପ୍ରଶନ୍ନ କୁମାର ଷଡଙ୍ଗୀ, ଶରତ ଚନ୍ଦ୍ର ରାୟ, ପ୍ରମୋଦ କୁମାର ଦାସ ଯୋଗ ଦେଇଥିଲେ। ବିଦ୍ୟାଳୟ ପକ୍ଷରୁ ବିଧାୟିକା ଦାସ ଓ ମଣ୍ଡଳ ଶିକ୍ଷାଧିକାରୀ ବେହେରାଙ୍କୁ ମାନପତ୍ର ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

### ବାର୍ଷିକ କ୍ରୀଡ଼ା ଉତ୍ସବ

**ବରୀ,୧।୨(ସ୍ୱପ୍ର):** ବରୀ ବ୍ଲକ ଅଧୀନ ଅଲ୍ଲିପୁର ପଞ୍ଚାୟତସ୍ଥିତ ଭାରତୀୟ ବିଦ୍ୟା ନିକେତନର ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜମ୍ବେଶ୍ୱର ନାଥଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବିଷ୍ଣୁଚରଣ ସୁତାର, ମୁଖ୍ୟବକ୍ତା ବିଇଓ ଅଭୟ କୁମାର ବେହେରା, ସମ୍ମାନିତ ଅତିଥିଭାବେ ବିରେନ୍ଦ୍ର କୁମାର ମିଶ୍ର, ସୁଧାଂଶୁ ମୋହନ ପରିଡା, ଚକ୍ରଧର ବାରିକ, ଜ୍ଞାନେନ୍ଦ୍ର ଧଳ, ଅଜୟ କୁମାର ନନ୍ଦ ଯୋଗଦାନ କରିଥିଲେ। ସଭା ପ୍ରାରମ୍ଭରେ ରଜନୀକାନ୍ତ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### ଜଙ୍ଗଲରୁ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣା: ମୁଖ୍ୟ ଅଭିଯୁକ୍ତଙ୍କ ଗିରଫ ଦାବିରେ ଥାନା ଘେରାଉ

**କଳିଙ୍ଗନଗର,୧।୨(ଡି.ଏନ.ଏ):** କଳିଙ୍ଗନଗର ଥାନା ସଂସାଇଲୋ ପଞ୍ଚାୟତ ପଣସପାଳ ଗ୍ରାମର ଜଣେ ଆଦିବାସୀ ଯୁବତୀ ମକରମେଳା ଦେଖି ଫେରୁଥିବାବେଳେ ତାଙ୍କୁ ୪ଜଣ ଯୁବକ ବଳାତ୍କାର କରି ହତ୍ୟା କରିଥିଲେ। ଏହାପରେ ତାଙ୍କ ମୃତଦେହକୁ ଗଛରେ ଝୁଲାଇ ଆତ୍ମହତ୍ୟାର ରୂପ ଦେଇଥିବା କଳିଙ୍ଗନଗର ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଏକ ମାମଲା (ନଂ.୮/୨୦) ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ଘଟଣାରେ ପୋଲିସ ହାତୀମୁଣ୍ଡା ଗ୍ରାମର ରମେଶ ବାଲମୁଚ୍ଛଙ୍କୁ ଗିରଫ କରିଥିବାବେଳେ ଅନ୍ୟ ୩ଜଣଙ୍କୁ ଥାନାରେ ଅଟକ ରଖାଯାଇଥିବା ସୂଚନା ମିଳିଛି। ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଏପର୍ଯ୍ୟନ୍ତ ଗିରଫ କରି ନ ଥିବାରୁ ଶନିବାର ଏସ୍‌ଏଚ୍‌ଜି ସଦସ୍ୟା, ହୋ ଛାତ୍ର ସଙ୍ଗଠନ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ କଳିଙ୍ଗନଗର ଥାନା ଘେରାଉ କରିଥିଲେ। ଘେରାଉରେ ଦୁରାମ ପୂର୍ତ୍ତି, ଚକ୍ରଧର ଜାରିକା, ସୁମିତ୍ରା ଅଙ୍ଗରାଇ, ଲଛମନ ବାଲମୁଚ୍ଛ, ସୁକିନ୍ଦା ଭାଜପା ବ୍ଲକ ସଭାପତି ପୁଷ୍ପକ ମହାପାତ୍ର, ସିନି ସୟଙ୍କ ସମେତ ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ ଆଦିବାସୀ ମହିଳା ସାମିଲ ହୋଇଥିଲେ। ଯଥାଶୀଘ୍ର ଅଭିଯୁକ୍ତଙ୍କ ଗିରଫ ଦାବିକରିବା ସହିତ ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଥିଲେ। କଳିଙ୍ଗନଗର ଥାନାଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ପ୍ରଥମ ଦିନରେ ୧୦ହଜାର ଭକ୍ତଙ୍କ ଭିଡ଼

କୋରେଇ,୧।୨(ସ୍ୱ.ପ୍ର)

**କରଦା ହରିହାଟ ମେଳା, ଯଜ୍ଞ ଆରମ୍ଭ**



ମେଳାରେ ଶ୍ରଦ୍ଧାଳୁଙ୍କ ଭିଡ଼।

ବୈତରଣୀ ନଦୀର ଅନତୀ ଦୂର କୋରେଇ ବ୍ଲକର ସବୁଠାରୁ ବଡ଼ମେଳା କରଦାଠାରେ ସ୍ଥାନୀୟ ଅଞ୍ଚଳର ଗଣପର୍ବ ଓ ସର୍ବପୁରାତନ ହରିହାଟ ମେଳା ଶନିବାର ମାଘ ସପ୍ତମୀ ଅବସରରେ ଆରମ୍ଭ ହୋଇଛି। ଏହି ମେଳା ସପ୍ତାହ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିଲାବେଳେ ଶନିବାର ଯଜ୍ଞର ଶୁଭାରମ୍ଭ ହୋଇଛି। ଏହି ଅବସରରେ ହଜାର ହଜାର ସଂଖ୍ୟାର ଶ୍ରଦ୍ଧାଳୁ ମାନସିକ ପୂରଣ ପାଇଁ ନଡିଆ, ଘିଅ, ଉଖୁଡ଼ା ନୈବେଦ୍ୟ ଆଦି ଯଜ୍ଞକୁଣ୍ଡରେ ଅର୍ପଣ କରିଥିଲେ। ପୀଠରେ ଏକାସଙ୍ଗେ ଦଧିବାମନ, ଶ୍ରୀଜଗନ୍ନାଥ, ବଳଭଦ୍ର, ଶୁଭଦ୍ରା, ମହାଲକ୍ଷ୍ମୀ, ଶ୍ରୀଚୈତନ୍ୟ, ଗ୍ରହରାଜ ଶନି ଓ ହନୁଙ୍କୁ ଦର୍ଶନ କରିବାର ସୁଯୋଗ ମିଳିବା ସହ ରୁଦ୍ରନାରାୟଣ ମହାପ୍ରଭୁଙ୍କ ଦର୍ଶନ ହୋଇଥାଏ। ଏହି ମେଳାର ଅନ୍ୟ ଆକର୍ଷଣ ଯାତ୍ରା। ୪ଟି ନାମକରା ଅପେରା ପାର୍ଟି ଏଠାରେ ପରିବେଷଣ କରିବାକୁ ଥିଲାବେଳେ ପ୍ରତିଦିନ ୨ଟି ଲେଖାଏଁ ରାତ୍ରୀ ଯାତ୍ରା ପରିବେଷଣ କରିଥାନ୍ତି। ମୁଖ୍ୟତଃ ଏହି ଅଞ୍ଚଳ କୃଷି ପ୍ରଧାନ ଅଞ୍ଚଳ ହୋଇଥିବାରୁ ଚାଷକାର୍ଯ୍ୟ ପରେ ଏହି ମେଳା ହୋଇଥାଏ। ଫଳରେ ଆଖପାଖ ଅଞ୍ଚଳର ଗ୍ରାମବାସୀ ଏହି ମେଳା ଓ ଯଜ୍ଞକୁ ମହାସମାରୋହରେ ପାଳନ କରିଥାନ୍ତି। ମେଳା ଓ ଯଜ୍ଞରେ ସକାଳୁ ଅପରାହ୍ନ ଯାଏ ୧୦ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ଗହଳି ହେଉଥିବା ଦେଖାଯାଇଥିଲା। ମେଳାରେ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ଷ୍ଟଲ ବିଭିନ୍ନ ସମଗ୍ରୀର ଖୋଲାଯିବା ସହ ଦର୍ଶକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ପ୍ରକାରର ଦୋଳିର ବ୍ୟବସ୍ଥା କରାଯାଇଛି। ମଠାଧିଶ ବାବାଜୀ କୃଷ୍ଣଚନ୍ଦ୍ର ଦାସଙ୍କ ସମେତ ମେଳା କମିଟି ସଭାପତି ଚିନ୍ତାମଣି ବେହେରା, କରଦା ସରପଞ୍ଚ ଗଣେଶ ଚନ୍ଦ୍ର ସାହୁ, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସାହୁ, ମହୋତ୍ସବ କମିଟି ସଭାପତି ପ୍ରଦୀପ୍ତ ପଣ୍ଡା, ଉପସଭାପତି ସୁବାସ ଧଳ, ସମ୍ପାଦକ ପ୍ରମୋଦ ମହାପାତ୍ର, ତାରିଣୀ ପଟ୍ଟନାୟକ, ବିଦ୍ୟାଧର ବେହେରା, ହରିହର ସାହୁ, ସୁଶୀଳ କୁମାର ବେହେରା ପରିଚାଳନା ନିମନ୍ତେ ବିଭିନ୍ନ ଦାୟିତ୍ୱ ନିର୍ବାହ କରୁଥିବା ଦେଖାଯାଇଛି।

## ମା' ମଙ୍ଗଳାଙ୍କ ଦ୍ୱିତୀୟ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ

ରସୁଲପୁର,୧।୨(ଡିଏନଏ)

ରସୁଲପୁର ବ୍ଲକ ବଡକଇଁଚି ପଞ୍ଚାୟତ ପାଳସାହି ଗ୍ରାମର ମା' ମଙ୍ଗଳାଙ୍କ ଦ୍ୱିତୀୟ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ମହାଡମ୍ବରରେ ଆରମ୍ଭ ହୋଇଛି। ଏଥିପାଇଁ ଶୁକ୍ରବାର ରାତିରେ ଅଙ୍କୁରାରୋପଣ ଓ ଶୁଭାଧିବାସ ଆରମ୍ଭ ହୋଇଥିଲା। ପ୍ରଭାତ ସମୟରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଗାଁର ମହିଳାମାନେ ଜଳପୂର୍ଣ୍ଣ କଳସ ଧରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶୋଭାଯାତ୍ରାକାରୀ ଗାଁ ପରିକ୍ରମା କରିବା ମା'ଙ୍କ ମନ୍ଦୀର ପୀଠରେ ଘଟ ସ୍ଥାପନ କରିଥିଲେ। କଳସଗୁଡିକୁ ପୂଜାର୍ଚ୍ଚନା କରାଯାଇ ଯଜ୍ଞ ଗୃହରେ ପ୍ରବେଶ କରାଯାଇଥିଲା। ଏହି ଅବସରରେ ମା'ଙ୍କୁ ବଡସିଂହାର ବେଶ ପୂଜାରେ ଭୂଷିତ କରାଯିବା ସହ ଷୋଡଶହ ଉପଚାର ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏଥିସହ ଯଜ୍ଞକୁଣ୍ଡକୁ ପୂଜାର୍ଚ୍ଚନା କରାଯାଇ ଅଗ୍ନି ସଂଯୋଗ କରାଯାଇଥିଲା। ଏଥିସହ ଯଜ୍ଞ ଆରମ୍ଭ ପୂର୍ବରୁ ସୂର୍ଯ୍ୟପୂଜା, ଗୋ-ପୂଜା, ବେଦପାଠ ଆଦି ଅନୁଷ୍ଠିତ ହୋଇଥିଲା। ଯଜ୍ଞକୁଣ୍ଡରେ ସଂଖ୍ୟା ଆହୂତି ପ୍ରଦାନ କରାଯିବା ସହ ଆଳତି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସଂକୀର୍ତ୍ତନ ମଣ୍ଡଳି, ମହିଳାଙ୍କ ହୁଳହୁଳି, ଶଙ୍ଖ, ଘଣ୍ଟ, ବାଦ୍ୟରେ ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ସନ୍ଧ୍ୟାରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଉକ୍ତ କାର୍ଯ୍ୟକ୍ରମ ତିନିଦିନ ବ୍ୟାପୀ ଚାଲୁ ରହିବ। ଯଜ୍ଞ ଅବସରରେ ଅନୁଷ୍ଠିତ ସମସ୍ତ କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ଦିଗରେ ସ୍ଥାନୀୟ ଯୁବକମାନେ ସହାୟତା ପ୍ରଦାନ କରୁଛନ୍ତି।

# ରାଜ୍ୟପାଳଙ୍କ ଦ୍ୱାରା ସରୋଜିନୀ ସାହିତ୍ୟ ପତ୍ରିକା ଉନ୍ମୋଚିତ



ରାଜ୍ୟପାଳଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚନ।

ଧର୍ମଶାଳା,୧।୨(ଡିଏନଏ)

ତ୍ରୈମାସିକ ସାହିତ୍ୟ ପତ୍ରିକା ସରୋଜିନୀ ଓ ଡକ୍ଟର ଚିତ୍ତରଞ୍ଜନ ମହାନ୍ତିଙ୍କ କବିତା ପୁସ୍ତକ 'ଚିତ୍ତମହାନ୍ତିଙ୍କ ପ୍ରିୟତମା' ପୁସ୍ତକକୁ ରାଜ୍ୟପାଳ ଶ୍ରୀଗଣେଶୀ ଲାଲ ଶୁକ୍ରବାର ରାଜଭବନଠାରେ ଉନ୍ମୋଚନ କରିଥିଲେ। ଉନ୍ମୋଚନ ଅବସରରେ କବି ମହାନ୍ତି, ସରୋଜିନୀ ସମ୍ପାଦକର ସାଂଗଠନିକ ସମ୍ପାଦକ ସିଦ୍ଧାର୍ଥ ସ୍ୱୟଂଦୀପ୍ତ ମହାନ୍ତି ଓ ଲୋକସମ୍ପର୍କ ଅଧିକାରୀ ରକ୍ଷକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# 'କବିଙ୍କ ନାମରେ ହେବ ରାସ୍ତା, ପ୍ରତିଷ୍ଠା ହେବ ପ୍ରତିମୂର୍ତ୍ତି'

**ଯାଜପୁର ଟାଉନ,୧।୨(ଡିଏନଏ):** ରୀତି ଯୁଗୀୟ କବି ତଥା ଓଡ଼ିଆ ଭାଷା ଓ ସାହିତ୍ୟର ଅନ୍ୟତମ ବାଗ୍ମୀ ବ୍ୟକ୍ତିତ୍ୱ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କର ୨୬୦ତମ ଜୟନ୍ତୀ ଉତ୍ସବ ଗୌତମବୁଦ୍ଧ ସଂସ୍କୃତି ଭବନଠାରେ ପାଳିତ ହୋଇଯାଇଛି। ଜିଲା ସଂସ୍କୃତି ପରିଷଦ ସହଯୋଗରେ ଅଭିମନ୍ୟୁ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ତଥା କବି ରଞ୍ଜନ କୁମାର ଦାସ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ବିଦଗ୍ଧ କବି ଅଭିମନ୍ୟୁଙ୍କ କୃତୀ ବିଶ୍ୱରେ ବିରଳ ହୋଇଥିବାବେଳେ ତାଙ୍କ ଭଳି ଜଣେ ସ୍ରଷ୍ଟାଙ୍କ ସ୍ମୃତି ରକ୍ଷା ପାଇଁ ଆସନ୍ତା ଏପ୍ରିଲ ୧ରେ ବରୁଆଁସ୍ଥିତ ସରକାରୀ ଆଇଟିଆଇ ପରିସରରେ ପ୍ରତିମୂର୍ତ୍ତି ନିର୍ମାଣ କରାଯିବ ଓ ପ୍ରଶାସନ ପକ୍ଷରୁ କୁଆଖିଆ-ଯାଜପୁର ରାସ୍ତାକୁ କବିଙ୍କ ନାମରେ ନାମିତ କରାଯିବ ବୋଲି ଜିଲାପାଳ ଘୋଷଣା କରିଥିଲେ। ମୁଖ୍ୟବକ୍ତାଭାବେ ପ୍ରଫେସର ମନୋରଞ୍ଜନ ମହାନ୍ତି କବିଙ୍କ ଅସମ୍ପୂର୍ଣ୍ଣ ପ୍ରେମ ଚିନ୍ତାମଣି କାବ୍ୟ ସମ୍ପୂର୍ଣ୍ଣ ହେବା ଦିଗରେ ଯଦି ସବୁ ମଣିଷଙ୍କର ମାତ୍ର ଏକ ମିନିଟ ଲେଖାଏଁ ଭଗବାନ ଆୟୁଷ ନେଇ ଅଭିମନ୍ୟୁଙ୍କୁ ଜୀବନର ଶେଷ ଯାଏ ବଞ୍ଚାଇ ରଖିଥାନ୍ତେ ତେବେ ତାଙ୍କର ସେହି ଅମୂଲ୍ୟ କୃତୀ ବିଶ୍ୱ ଦରବାରରେ ମଧ ସ୍ଥାନିତ ହୋଇଥାନ୍ତା ବୋଲି କହିଥିଲେ। ଏହି ସଭାରେ ରାଜକିଶୋର ପଣ୍ଡା ସଭାପତିତ୍ୱ କରିଥିବାବେଳେ ସ୍ୱତନ୍ତ୍ର ଅତିଥି ଭାବେ ଶିକ୍ଷାବିତ କୁଞ୍ଜବିହାରୀ ଦାଶ, ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ମଧ ବକ୍ତବ୍ୟ ରଖିଥିଲେ। ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ନାୟକ ବିବରଣୀ ପାଠ କରିଥିବାବେଳେ ମନ୍ମଥ ରାୟ ଅତିଥିଙ୍କର ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅଭିମନ୍ୟୁ ସାମନ୍ତସିଂହାର- ୨୦୨୦ ସମ୍ମାନ ସାମାଜିକ କର୍ମୀ କୁଳମଣି ଶୁକ୍ଲଙ୍କୁ ପ୍ରଦାନ କରାଯାଇଥିଲା। ପରିଷଦ ମୁଖପତ୍ର 'ଅଭିଦଗ୍ଧା'କୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ବରିଷ୍ଠ ସଭ୍ୟ ସୁବାସ ଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ଭାଜପା ପକ୍ଷରୁ ସଚେତନତା କର୍ମଶାଳା

**ଯାଜପୁର ଟାଉନ,୧।୨(ଡିଏନଏ):** ଯାଜପୁର ନିର୍ବାଚନ ମଣ୍ଡଳୀର ମଲ୍ଲିକାପୁର ବୁଥସ୍ତରୀୟ ନାଗରିକତା ଅଧିନିୟମ ସଚେତନତା କର୍ମଶାଳା ଓ ଘରକୁ ଘର ବୁଲି ସଚେତନତା ବାର୍ତ୍ତା ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମ ଭାଜପା ଜିଲା ସଭାପତି ଗୌତମ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତାଭାବେ ପୂର୍ବତନ ଆଇଏଏସ୍ ସୁଦର୍ଶନ ନାୟକ ଯୋଗଦେଇ ସାଧାରଣ ଜନତାଙ୍କୁ ଏହି ଆଇନ କିପରି ଓ କେଉଁ ପରିପ୍ରେକ୍ଷୀରେ ହୋଇଛି ତାହା ମାର୍ଗଦର୍ଶନ କରିଥିଲେ। ଭାରତ ସରକାର ପୂର୍ବରୁ ୨୨ ଥର ନାଗରିକତା ଆଇନ ସଂଶୋଧନ କରିଥିଲେ କିନ୍ତୁ ମୋଦି ସରକାରଙ୍କ ୨୩ତମ ସଂଶୋଧନକୁ ବିରୋଧ କରୁଥିବା ରାଜନୈତିକ ଦଳ ଦେଶର ନାଗରିକଙ୍କୁ ବିଭ୍ରାନ୍ତ କରୁଛନ୍ତି। ଦେଶର ଏକତା ଅଖଣ୍ଡତାକୁ ଜଳାଞ୍ଜଳି ଦେଇ ମୋଦିଙ୍କ ନିଷ୍ପତ୍ତି ବିରୋଧରେ ଲାଗିପଡିଛନ୍ତି। ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରୁ ଧାର୍ମିକ ପ୍ରତାରଣାର ଶିକାର ହୋଇ ଯେଉଁମାନେ ଦେଶ ଛାଡି ଆସିଛନ୍ତି ସେମାନଙ୍କୁ ନାଗରିକତା ଦିଆଯିବ। ଏହା କୌଣସି ନାଗରିକଙ୍କ ନାଗରିକତା ନେବନାହିଁ। କିନ୍ତୁ ବିରୋଧି ଅସହିଷ୍ଣୁ ହୋଇ ଏପରି ସାଧାରଣ ସମ୍ପତ୍ତି ନଷ୍ଟଭ୍ରଷ୍ଟ କରୁଛନ୍ତି ବୋଲି କହିଥିଲେ। ନାଗରିକତା ଆଇନ ଆଳରେ ମୋଦିଙ୍କୁ ବିରୋଧ କରୁଛନ୍ତି ବୋଲି ଜିଲା ସଭାପତି କହିଥିଲେ।

# 'ବିଦ୍ୟାର୍ଥୀଙ୍କ କଳା ପ୍ରଦର୍ଶନ ପାଇଁ ବାର୍ଷିକୋତ୍ସବ ଏକ ମାଧ୍ୟମ'

ରସୁଲପୁର,୧।୨(ଡିଏନଏ)

**ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ**



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ବାର୍ଷିକୋତ୍ସବ ମଞ୍ଚ ବିଦ୍ୟାର୍ଥୀଙ୍କ ପାଇଁ କଳା ନୈପୁଣ୍ୟତା ପରିପ୍ରକାଶ କରିବାର ଏକ ବଳିଷ୍ଠ ମାଧ୍ୟମ ବୋଲି ଶନିବାର ରସୁଲପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୧୭ତମ ବାର୍ଷିକୋତ୍ସବରେ ମତ ପ୍ରକାଶ ପାଇଛି। ଏହି ଉତ୍ସବରେ ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ଅରୁଣ ସାହୁଙ୍କ ପୌରହିତ୍ୟରେ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଥିଲା। ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେବି କଲେଜର ଅର୍ଥଶାସ୍ତ୍ର ଅଧ୍ୟାପିକା ସୁଜାତା ପତି, ମୁଖ୍ୟବକ୍ତା ଭାବେ ଉତ୍କଳ ଧର୍ମ ଜାଗରଣର ପ୍ରାନ୍ତ ପ୍ରମୁଖ ସ୍ୱାମୀ ସ୍ମୃତିସାଗର ସରସ୍ୱତୀ, ସମ୍ପାଦକ ଭାସ୍କର ମଲିକ, ପ୍ରଧାନ ଆଚାର୍ଯ୍ୟ ଦିଲୀପ କୁମାର ମଲିକ ପ୍ରମୁଖ ଯୋଗ ଦେଇଥିଲେ। ପରିଚାଳନା କମିଟିର ଉପସଭାପତି ନବୀନ ଜେନା, କୋଷାଧକ୍ଷ ଶେଷଦେବ ନାୟକ, ସନ୍ତୋଷ ରାଉତ, ନୀଳମଣି ସାହୁ, ଅଶୋକ ସାହୁ, ଗଜେନ୍ଦ୍ର ସାହୁଙ୍କ ସମେତ ଗୁରୁମାଗୁରୁଜୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ବାର୍ଷିକ କ୍ରୀଡାରେ ଶ୍ରେଷ୍ଠତ୍ୱ ଅର୍ଜନ କରିଥିବା ଜ୍ଞାନରଂଜନ ମହାନ୍ତି, ୨୦୧୯-୨୦ ଶିକ୍ଷାବର୍ଷରେ ସର୍ବୋଚ୍ଚ ନମ୍ବର ରଖିଥିବା ଆଶିଷ ପଣ୍ଡା, ଛାତ୍ରୀ ସୁପ୍ରିୟା ପ୍ରିୟଦର୍ଶିନୀ, ଦେବସ୍ମିତା ପୃଷ୍ଟି, ସ୍ୱାଗତିକା ସାହୁ, ମନସ୍ୱିନୀ ପଣ୍ଡା ଓ ଛାତ୍ର ତାରାପ୍ରସାଦ ନାୟକ, ଅଂଶୁମାନ ଖଣ୍ଡାଇ, ତୁଷାରକାନ୍ତ ବେହେରା ପ୍ରମୁଖଙ୍କୁ ସାମଗ୍ରିକ ପ୍ରଦର୍ଶନ ପାଇଁ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ସନ୍ତୋଷ କୁମାର ସାମଲ, ପ୍ରେମଶଙ୍କର ପୂଜାରୀ, ବିଜୟ କୁମାର ମଲିକ ପ୍ରମୁଖ ନିର୍ଦ୍ଦେଶନା ଓ ପରିଚାଳନା କରିଥିଲେ।

# 'ଯାଜପୁରକୁ ରାଜ୍ୟର ସର୍ବଶ୍ରେଷ୍ଠ ପୌରାଞ୍ଚଳରେ ପରିଣତ କରାଯିବ'

ଯାଜପୁର ଟାଉନ,୧।୨(ଡିଏନଏ)




ଯାଜପୁର ପୌରାଞ୍ଚଳ ରାଜ୍ୟର ଏକ ଆଦର୍ଶ ଓ ଅତ୍ୟାଧୁନିକ ପୌରାଞ୍ଚଳରେ ପରିଣତ କରାଯିବ ବୋଲି ଜିଲାପାଳ ରଞ୍ଜନ କୁମାର ଦାସ ମତବ୍ୟକ୍ତ କରିଛନ୍ତି। ଯାଜପୁର ପୌରାଞ୍ଚଳକୁ ରାଜ୍ୟର ସର୍ବଶ୍ରେଷ୍ଠ ପୌରାଞ୍ଚଳ କରିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଦାସ ମତବ୍ୟକ୍ତି କରିଛନ୍ତି। ଯାଜପୁର ରାଜ୍ୟର ପୁରାତନ ରାଜଧାନୀ ଥିବାବେଳେ ଏହାର ଐତିହ୍ୟ, ସଂସ୍କୃତି ଓ ଭାଇଚାରା ସାରା ରାଜ୍ୟରେ ସମ୍ପୂର୍ଣ୍ଣ ଭିନ୍ନ। ଶନିବାର ପୌରପରିଷଦ କାର୍ଯ୍ୟାଳୟରେ ବିବିଧ ଉନ୍ନୟନ କାର୍ଯ୍ୟ, ବିଭିନ୍ନ ଟ୍ୟାକ୍ସ ସଂଗ୍ରହ, ସାଧାରଣ ଲୋକଙ୍କୁ ପ୍ରଦାନ କରାଯାଉଥିବା ମୌଳିକ ସେବା ସମ୍ପର୍କରେ ଜିଲାପାଳ ସମୀକ୍ଷା କରିଥିଲେ। ସହରବାସୀଙ୍କୁ ସୁସ୍ଥ ପରିବେଶରେ ରଖିବା ସହ ବିଦ୍ୟୁତ, ପାନୀୟ ଜଳ, ସ୍ୱଚ୍ଛ ପରିବେଶ ଯୋଗାଇବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ମେଡିକାଲ ଛକ ଓ ଅନ୍ୟାନ୍ୟ ସ୍ଥାନରେ ପ୍ରାୟ ୩୦ଟି ଭେଣ୍ଡିଂ ଜୋନର ବ୍ୟବସ୍ଥା କରି ଛୋଟ ବ୍ୟବସାୟୀଙ୍କୁ ଥଇଥାନ କରିବାକୁ ସେ ପରାମର୍ଶ ଦେଇଥିଲେ। ସମସ୍ତ ୱାର୍ଡରେ ୱାର୍ଡ ଅଫିସ କାର୍ଯ୍ୟ କରିବା ସହ ଲୋକମାନେ ସେହି ଅଫିସ ମାଧ୍ୟମରେ ସେମାନଙ୍କର ସମସ୍ତ ସୁବିଧା ଅସୁବିଧାକୁ ଅବଗତ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ୱାର୍ଡ ଅଫିସ ମାଧ୍ୟମରେ ମଧ ଟ୍ୟାକ୍ସ ସଂଗ୍ରହ କରାଯାଇ ପାରିବ ଓ ସବିଶେଷ ବିବିଧ ସୂଚନାକୁ ପ୍ରଦାନ କରାଯିବ। ସମ୍ପୃକ୍ତ ୱାର୍ଡର ବାସିନ୍ଦା ଅଯଥା ଖର୍ଚ୍ଚାନ୍ତ ହୋଇ ପୌର କାର୍ଯ୍ୟାଳୟକୁ ଆଉ ଆସିବାକୁ ପଡିବ ନାହିଁ। ସମସ୍ତ ୱାର୍ଡର ଆଲୋକୀକରଣ ହୋଇଥିବାବେଳେ ବକେୟା ୪ଟି ଲେନର ଆଲୋକ ବ୍ୟବସ୍ଥାକୁ ତ୍ୱରାନ୍ୱିତ ଭାବେ ଲଗାଯିବ। ସେହିପରି ଆବର୍ଜନାର ଠିକ ପରିଚାଳନା ପାଇଁ ନିଆଯାଇଥିବା ପଦକ୍ଷେପ ଆଧାରରେ ଏହାକୁ ଅଧିକ କ୍ରିୟାଶୀଳ କରାଯିବ। ବିଶେଷଭାବେ ସହରବାସୀଙ୍କୁ ସେମାନଙ୍କ ସାମାଜିକ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରାଯିବ। ଫଳରେ ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାରେ ସେମାନଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ହୋଇପାରିବ ବୋଲି ଜିଲାପାଳ କହିଥିଲେ। ଏହି ସମୀକ୍ଷାରେ ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ପୌର ନିର୍ବାହୀ ଅଧିକାରୀ ଅଜୟ କୁମାର ମହାନ୍ତି, ପୌର ପରିଷଦର ସ୍ୱତନ୍ତ୍ର ଅଧିକାରୀ ସୁଦର୍ଶନ ମିଶ୍ର ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଯୁବତୀଙ୍କୁ ଅସଦାଚରଣ ଅଭିଯୋଗ

ଖଣ୍ଡପଡା,୧।୨(ସ୍ୱ.ପ୍ର.)-ଖଣ୍ଡପଡା ଥାନା ଅଧୀନ ଖଳିସାହି ପଞ୍ଚାୟତର ଜଣେ ଯୁବତୀଙ୍କୁ ସ୍ଥାନୀୟ ଅଞ୍ଚଳର ଗଣେଶ ପଣ୍ଡା ନାମକ ଯୁବକ ଅସଦାଚରଣ କରିଥିବା ନେଇ ଖଣ୍ଡପଡା ଥାନାରେ ଲିଖିତ ଅଭିଯୋଗ ହୋଇଛି । ଏ ନେଇ ପୋଲିସ ୨୯/୨୦୨୦ରେ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଛି । ତେବେ ଘଟଣା ପରଠାରୁ ଅଭିଯୁକ୍ତ ଯୁବକ ଜଣଙ୍କ ଫେରାର ହୋଇଯାଇଥିବା ଖଣ୍ଡପଡା ଥାନା ସୂତ୍ରରୁ ଜଣାପଡିଛି। ଅଭିଯୋଗ କ୍ରମେ ଶୁକ୍ରବାର ରାତିରେ ସମ୍ପୃକ୍ତ ଯୁବତୀଙ୍କ ବାପା ଓ ମା ଏକ ବିବାହ ଉତ୍ସବରେ ଯୋଗଦେବା ପାଇଁ ବାହାରକୁ ଯାଇଥିଲେ । ଘରେ ଭାଇଙ୍କ ସହ ଯୁବତୀ ରହିଥିଲେ । ଯୁବତୀ ଜଣଙ୍କ ଶୋଇଥିବାବେଳେ ସମ୍ପୃକ୍ତ ଯୁବକ ଜଣଙ୍କ ବିଳମ୍ବିତ ରାତିରେ ବାରି ପଛପାଖ ପାଚେରି ଡେଇଁ ଘରେ ପଶି ଯୁବତୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହେଉଛି । ଯୁବତୀଙ୍କ ଚିତ୍କାର ଶୁଣି ତାଙ୍କ ଭାଇ ଉଠିପଡିବାରୁ ଅଭିଯୁକ୍ତ ଯୁବକ ଜଣଙ୍କ ଘଟଣାସ୍ଥଳରୁ ଦୌଡି ବାହାରକୁ ପଳାଇ ଯାଇଥିବା ନେଇ ଥାନାରେ ଦାଏର ହୋଇଥିବା ଏତଲାରୁ ଜଣାପଡିଛି ।

### ଦେବଦେବୀ ପୀଠରେ ନାମଯଜ୍ଞ ଓ ବାର୍ଷିକୋତ୍ସବ

ବୋଲଗଡ଼,୧।୨ (ଡି.ଏନ୍.ଏ.)-ପବିତ୍ର ମାଘ ମାସ ଅବସରରେ ବୋଲଗଡ ବ୍ଲକର ବିଭିନ୍ନ ଦେବଦେବୀ ପୀଠରେ ଯଜ୍ଞ, ନାମଯଜ୍ଞ ଓ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି। ସାଗରଗାଁ ପଞ୍ଚାୟତ ବେଣାଗାଡିଆ ଗ୍ରାମର ମା'ବନଦୁର୍ଗାଙ୍କ ପୀଠରେ ଶପ୍ତଦଶତମ ବାର୍ଷିକ ବିଶ୍ୱଶାନ୍ତି ଯଜ୍ଞର ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଛି। ବାଙ୍କୋଇ ପଞ୍ଚାୟତ କନ୍ତାଇଲୋ ଗ୍ରାମ ଦେବତୀ ମା'ଜେନାମଣୀ ଓ ମହାବୀରଙ୍କ ପୀଠରେ ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଛି । ସେହିପରି ବାଙ୍କୋଇ ଗଡସାହି ରଘୁନାଥଙ୍କ ପୀଠ ଓ ହାଟବସ୍ତର ଶକ୍ତି ପୀଠ ଭାବେ ପରିଗଣିତ ମା'ଯୋଗମାୟାଙ୍କ ମନ୍ଦିର ନିକଟରେ ଅଷ୍ଟପ୍ରହର ନାମଯଜ୍ଞ ଚାଲିଛି। ସହଜପୁର ଗ୍ରାମର ମା'ମଙ୍ଗଳା ମନ୍ଦିରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି। ଗର୍ଭଣୀପଡା ମହାବୀର ଠାକୁରଙ୍କର ପଞ୍ଚଦଶ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଘୋରଡିଆ ଗ୍ରାମର ଶନିଶ୍ଚର ଦେବଙ୍କ ମନ୍ଦିରର ବାର୍ଷିକୋତ୍ସବ ଅବସରରେ ମଞ୍ଚ ନାଟକ ମଣିଷ ଖେଳୁଛି କଣ୍ଢେଇ ନାଟ ପରିବେଷିତ ହୋଇଛି। ବିଭିନ୍ନ ସ୍ଥାନରେ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଭାଜପା ନେତା ରିଷଭ ନନ୍ଦ ଓ କଂଗ୍ରେସ ନେତା ପ୍ରଦୀପ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

### ଟ୍ରାକ୍ଟର ଚକା ତଳେ ଯୁବକଙ୍କ ଜୀବନ ଗଲା

ବେଗୁନିଆ,୧।୨(ଡି.ଏନ୍.ଏ.): ବୈଦ୍ଦେଶ୍ୱର ଥାନା ଅଧୀନ କଡ଼ାମଲ୍ଲ ଗ୍ରାମରେ ଶନିବାର ଏକ ଟ୍ରାକ୍ଟର ଚକାରେ ଚାପି ହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବୋଲଗଡ଼ ଥାନା ସାଗରଗାଁ ପଞ୍ଚାୟତ ଅନ୍ତର୍ଗତ ସିଙ୍ଗିପୁର ଗ୍ରାମର ପ୍ରଭାତ ପରିଡାଙ୍କ ପୁଅ ମନୋଜ (୧୮)। ସୂଚନା ଅନୁଯାୟୀ, ଶନିବାର ଅପରାହ୍ଣରେ ମନୋଜ ଏକ ମୋରମ ବୋଝେଇ ଟ୍ରାକ୍ଟରରେ ବସି ଯାଉଥିଲେ। କଡାମଲ ଗ୍ରାମ ନିକଟରେ ହଠାତ୍ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ମୋନଜ ଟ୍ରାକ୍ଟର ଚକା ତଳେ ଚାପି ହୋଇଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାଙ୍କି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ଦୁର୍ଘଟଣା: ଜଣେ ମୃତ, ୧୦ ଆହତ

ନୟାଗଡ଼ ଅଫିସ, ୧।୨

ନୟାଗଡ଼ ଜିଲା ଗୋଡିପଡା ଦେଇ ଯାଇଥିବା ନୂଆ ଜଗନ୍ନାଥ ସଡକର ଝରଣ ପୋଖରୀ ନିକଟରେ ଶନିବାର ପୂର୍ବାହ୍ନରେ ଓଡି୨୫ଏଚ୍-୬୩୦୭ ନଂ. ଅଟୋକୁ ଓଆର୦୨ଏଏ-୭୮୬୮ ନମ୍ବର ବିଶିଷ୍ଟ ବାବା ନାମକ ଘରୋଇ ବସ୍ ଧକ୍କା ଦେଇଛି। ଏଥିରେ ନୟାଗଡ଼ ବ୍ଲକ ଖୁଣ୍ଟୁବନ୍ଧ ଗାଁର ନକୁଳ ନାୟକ (୪୫)ଙ୍କର ମୃତ୍ୟୁ

## ଅଟୋକୁ ଧକ୍କା ଦେଲା ବସ୍

ହୋଇଛି। ସେହିପରି ଖୁଣ୍ଟୁବନ୍ଧର ଲିଟନ ନାୟକ (୧୫), ସାନୁ ନାୟକ (୧୬), ଓଡଗାଁର ସୁନିଲ ନାୟକ (୧୮), ରାକେଶ ନାୟକ (୧୫), ସୁଶାନ୍ତ ନାୟକ (୧୮), ମୁନା ନାୟକ (୨୮) ପ୍ରମୁଖ ୧୦ ଜଣ ଆହତ ହୋଇଛନ୍ତି । ଖବର ପାଇ ଗୋଡିପଡା ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇଥିଲା। ଅନ୍ୟପକ୍ଷେ ଆହତମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଶରଣକୁଳ ଥାନାରେ ଏ ନେଇ ୧୨/୨୦ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି। ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ପୋଲିସ ଜବତ କରିଛି। ଖୁଣ୍ଟୁବନ୍ଧ,



ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଛି।

ଆଙ୍ଗିସିଙ୍ଗି ଓ ଓଡଗାଁର ପିଲାମାନେ ରଣପୁର ବ୍ଲକର ଡମସାହିରେ ବ୍ୟାଣ୍ଡପାର୍ଟି ବଜାଇବା ପାଇଁ ଡାଲା ଅଟୋରେ ଯାଉଥିବାବେଳେ ଏଭଳି ଦୁର୍ଘଟଣା ଘଟିଛି।

### ଦୁର୍ଘଟଣା ଗୋଡ଼ିପଡ଼ାରେ, ରାସ୍ତାରୋକୋ ନୟାଗଡ଼ରେ

ଦୁର୍ଘଟଣା ଗୋଡ଼ିପଡାରେ ହୋଇଥିବାବେଳେ ନୟାଗଡ଼ର ଏଆରସିଏସ୍ ଅଫିସ ନିକଟରେ ଶରଣକୁଳ ଓଡଗାଁ ରାସ୍ତା ଅବରୋଧ ହୋଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ରଖି ରାସ୍ତା ଅବରୋଧ କରାଯାଇଥିଲା। ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ପରେ ଅପରାହ୍ନ ସାଢ଼େ ୪ଟାରେ ଆରମ୍ଭ ହୋଇଥିବା ରାସ୍ତାରୋକୋ ୧ ଘଣ୍ଟା ପରେ ପ୍ରତ୍ୟାହୃତ ହୋଇଥିଲା।

### ଅନାଥ ହୋଇଗଲା ପୁଅ

୧ ବର୍ଷ ତଳେ ମା'ଙ୍କ ମୃତ୍ୟୁ ଘଟିଥିଲା। ସାହାରା ଥିଲେ ବାପା। ବାପା ନକୁଳ ସଡକ ଦୁର୍ଘଟଣାରେ ଶନିବାର ପ୍ରାଣ ହରାଇଲେ। ଷଷ୍ଠ ଶ୍ରେଣୀରେ ପଢୁଥିବା ୧୨ ବର୍ଷର ପୁଅ ଅନାଥ ହୋଇଗଲେ। ଖାଇବେ କ'ଣ, ରହିବେ କେଉଁଠି, ପାଠ ପଢ଼ିବେ କେମିତି। ଏମିତି ବିଭିନ୍ନ ପ୍ରଶ୍ନ ସ୍ଥାନୀୟ ଲୋକେ ପରସ୍ପର ମଧ୍ୟରେ ଆଲୋଚନା କରିଥିଲେ। ଏଣେ ବାପାଙ୍କ ମୃତଦେହ ନିକଟରେ ରାସ୍ତା ଅବରୋଧ ସ୍ଥଳରେ ବାହୁନି କାନ୍ଦୁଥିଲେ ନାବାଳକ। ତାଙ୍କୁ ସମସ୍ତେ ଆଶ୍ୱାସନା ଦେଉଥିବା ଦେଖାଯାଇଥିଲା।

### ରାସ୍ତାରେ ଚାଲୁଛି ଫିଟ୍‌ନେସ ନ ଥିବା ଗାଡ଼ି

ନୟାଗଡ ଜିଲାରେ ଫିଟ୍‌ନେସ ନ ଥିବା ବସ୍ ଗଡୁଛି। ଗୋଡିପଡା ଦୁର୍ଘଟଣା ଏହାର ଗୁମର ଖୋଲିଛି। ଦୁର୍ଘଟଣା ଘଟାଇଥିବା ବାବା ନାମକ ବସ୍‌ର ଫିଟ୍‌ନେସ ନ ଥିବାବେଳେ ଇନ୍‌ସ୍ୟୁରାନ୍ସ ନ ଥିବା ନେଇ ମୃତକଙ୍କ ପରିବାରର ଆତ୍ମୀୟ ଅଭିଯୋଗ କରିଛନ୍ତି। ଫିଟ୍‌ନେସ ନ ଥିବା ଗାଡିଟି ପୁରୀରୁ କର୍ଣ୍ଣିଲୋ କିପରି ଯାତାୟାତ କରୁଥିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନାଯୋଗ୍ୟ ବସ୍‌ଟି ଗୋଡିପଡାର ମଝିଆଖଣ୍ଡରୁ କୋଣାର୍କ ଭଡାରେ ଯିବାର ଥିଲା। ଏଥିପାଇଁ ମଝିଆଖଣ୍ଡ ଯାଉଥିବାବେଳେ ଦୁର୍ଘଟଣା ଘଟିଥିଲା। ଏ ନେଇ ଉପଜିଲାପାଳ ଲଗ୍ନଜିତ ରାଉତରାୟ କୁହନ୍ତି, ଉକ୍ତ ବସ୍‌ର କାଗଜପତ୍ର ଯାଞ୍ଚ କରାଯିବ। ଠିକ୍ ନ ଥିଲେ ଦୃଢ ପଦକ୍ଷେପ ନିଆଯିବ।

## ବଜେଟକୁ ନେଇ ପ୍ରତିକ୍ରିୟା

ନୟାଗଡ଼ ଅଫିସ୍,୧।୨: କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୨୦୨୦-୨୧ ଆର୍ଥିକବର୍ଷ ପାଇଁ ଶନିବାର ପାର୍ଲାମେଣ୍ଟରେ ବଜେଟ ଉପସ୍ଥାପନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ବର୍ଗର ବ୍ୟକ୍ତିଙ୍କ ମତାମତକୁ ନେଇ ଉପସ୍ଥାପନା।

### ମହିଳାଙ୍କୁ ଅଣଦେଖା

କେନ୍ଦ୍ର ବଜେଟରେ ମଧ୍ୟବିତ୍ତ ଶ୍ରେଣୀର ସଞ୍ଚୟ ପାଇଁ ଆନନ୍ଦଦାୟକ ଯୋଜନା ରହିଛି । ଶିକ୍ଷା ଓ ଗବେଷଣା ପାଇଁ ଅଧିକ ଅର୍ଥ ଯୋଜନାରେ ଆବଶ୍ୟକ ଥିଲେ ମଧ୍ୟ ଅଣଦେଖା କରାଯାଇଛି। ଗରିବ ଲୋକଙ୍କ ପାଇଁ ଏହା ପ୍ରୋତ୍ସାହନମୂଳକ ବଜେଟ। କର୍ମଜୀବୀ ମହିଳା ଓ ଗୃହିଣୀଙ୍କ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଅର୍ଥମନ୍ତ୍ରୀ ମହିଳା ହୋଇଥିଲେ ମଧ୍ୟ ମହିଳାଙ୍କୁ ନିରାଶ କରିଛନ୍ତି। ଏହା ଏକ ଦୁରାଭିମୁଖୀ ବଜେଟ। କିନ୍ତୁ ଆଶୁ ଫଳପ୍ରଦ ପାଇଁ ବିଶେଷ ଯୋଜନା ନାହିଁ। ଭିନ୍ନକ୍ଷମଙ୍କ ପାଇଁ ଅଧିକ ବଜେଟ ଆବଶ୍ୟକତା ଥିଲା। ଚିକିତ୍ସା କ୍ଷେତ୍ରରେ ଅଧିକ ନିଯୁକ୍ତି ଓ ବିଭିନ୍ନ ମାଧ୍ୟମରେ ଅଧ୍ୟୟନକୁ ଗୁରୁତ୍ୱ ଦିଆଯାଇ ନାହିଁ।



- ପ୍ରିୟମ୍ବଦା ଦାଶ, ଅଧ୍ୟାପିକା, ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟ

### ଚାଷୀଙ୍କର ବଜେଟ

ମଧ୍ୟବିତ୍ତ ପରିବାର ନିମନ୍ତେ ଏହା ଏକ ସ୍ୱାଗତଯୋଗ୍ୟ ବଜେଟ। ଆୟକର ସୀମାକୁ ୫ ଲକ୍ଷ ପର୍ଯ୍ୟନ୍ତ ବୃଦ୍ଧିକରି ଅର୍ଥମନ୍ତ୍ରୀ ମଧ୍ୟବିତ୍ତ ଆୟକାରୀ ଗୋଷ୍ଠୀଙ୍କୁ ଆଶ୍ୱସ୍ତ କରିଛନ୍ତି। କୃଷକମାନଙ୍କ ନିମନ୍ତେ ବଜେଟରେ କରାଯାଇଥିବା ଘୋଷଣା ଉପାଦେୟ ସାବ୍ୟସ୍ତ ହୋଇଛି। କିଷାନ ରେଳ, କିଷାନ ଉଡାନ ଭଳି ସୁବିଧା କୃଷକମାନଙ୍କୁ ବେଶ୍ ସହାୟକ ମନେ ହେଉଛି। ପରମ୍ପରାଗତ କୃଷି ଉତ୍ପାଦନ ଯୋଜନାରେ ଅଧିକ ଅର୍ଥ ବରାଦ ଗ୍ରାମାଞ୍ଚଳରେ ଗରିବ, ଛୋଟ ତଥା ନାମମାତ୍ର ଚାଷୀଙ୍କ ଉନ୍ନତି ଦିଗରେ ସହାୟକ ହେବ।



- ଅଧ୍ୟାପକ ଭାଗ୍ୟଧର ସ୍ୱାଇଁ, ରଣପୁର କଲେଜ, ନୟାଗଡ।

### ସ୍ୱପ୍ନ ସାକାର ହେବନି

ଅର୍ଥମନ୍ତ୍ରୀଙ୍କ ବଜେଟ ବାସ୍ତବତାଠାରୁ ବହୁ ଦୂରରେ ଥିବା ପରି ମନେ ହୁଏ । ଭାରତ ପରି ଏକ କୃଷିପ୍ରଧାନ ଦେଶରେ ୨୦୨୨ସୁଦ୍ଧା କୃଷକମାନଙ୍କର ଆୟକୁ ଦ୍ୱିଗୁଣିତ କରିବାର ସ୍ୱପ୍ନ ବଜେଟରେ ଦେଖାଯାଇଛି। ଶୀତଳଭଣ୍ଡାର ଅଭାବ, ସୁଲଭ ବଜାର ବ୍ୟବସ୍ଥା ନ ଥିବା, କୃଷି ଉତ୍ପାଦିତ ଦ୍ରବ୍ୟର ଅଭାବୀ ବିକ୍ରି ଆଦି ଚାଷୀ ଆତ୍ମହତ୍ୟାର କାରଣ କୁହାଯାଉଛି। ଚାଷୀ ଆତ୍ମହତ୍ୟା ବଢୁଥିବାବେଳେ ନିରାକରଣ ବ୍ୟବସ୍ଥା ନାହିଁ। ଅର୍ଥମନ୍ତ୍ରୀଙ୍କ ବଜେଟ କୃଷକମାନଙ୍କୁ ସୁଫଳ ଦେବନି।



- ନରେନ୍ଦ୍ର କୁମାର ପାଇକରାୟ, ବନ୍ଧପଲ୍ଲୀ, ରଣପୁର

# ଖଣ୍ଡପଡ଼ାରେ ଫୁଟ୍‌ବଲ ଟୁର୍ନାମେଣ୍ଟ ୧୬ରୁ

ଖଣ୍ଡପଡା,୧।୨(ସ୍ୱ.ପ୍ର.)

ଖଣ୍ଡପଡା ମଧୁବନ ମିନି ଷ୍ଟାଡିୟମ ପରିସରରେ ଚଳିତ ମାସ ୧୬ରୁ ୨୩ ତାରିଖ ପର୍ଯ୍ୟନ୍ତ ମହେନ୍ଦ୍ର ସ୍ୱାଇଁ ମେମୋରିଆଲ କପ୍ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ ବୋଲି ଖଣ୍ଡପଡା ଫୁଟବଲ ଆସୋସିଏଶନର ସଦସ୍ୟମାନେ ଜଣାଇଛନ୍ତି । ଏହି ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଶୁଭମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡା ଫୁଟ୍‌ବଲ ଆସୋସିଏଶନର ସଭାପତି ଭିକାରି ଖଣ୍ଡାୟତଙ୍କ ଆବାହକତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଦୁଷ୍ମନ୍ତ କୁମାର ସ୍ୱାଇଁ, ଯୁବ ସଂଗଠକ ମହେନ୍ଦ୍ର କୁମାର ବାରିକ, କାଶୀନାଥ ଦାସ, ପଣ୍ଡିତ ମନୋଜ କୁମାର ଦାଶଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ କ୍ରୀଡାବିତମାନେ ଯୋଗଦେଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ଏହି ଟୁର୍ନାମେଣ୍ଟରେ ୮ଟି ବଛା ବଛା ଟିମ୍ ଯୋଗଦେବାର କାର୍ଯ୍ୟକ୍ରମ ଥିବା ଆୟୋଜକମାନେ ଜଣାଇଛନ୍ତି। ଫାଇନାଲ ମ୍ୟାଚ ଫେବୃୟାରୀ ୨୩ ତାରିଖରେ ଅନୁଷ୍ଠିତ ହେବାର ନିଷ୍ପତ୍ତି ନିଆଯାଇଥିବା ବେଳେ ଆସନ୍ତା ୨୨ ତାରିଖରେ ମହିଳା ପ୍ରଦର୍ଶନୀ ଫୁଟବଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି । ଟୁର୍ନାମେଣ୍ଟ ଶାନ୍ତି ଶୃଙ୍ଖଳାର ସହ ସୁପରିଚାଳନା ନିମନ୍ତେ ଏକ କମିଟି ଗଠନ କରାଯାଇଥିଲା। ଅପରାହ୍ନ ୩ଟାରୁ ପ୍ରତ୍ୟେକ ମ୍ୟାଚ ଆରମ୍ଭ ହେବ ବୋଲି ଜଣାପଡିଛି।



ବୈଠକରେ ସଂଘ କର୍ମକର୍ତ୍ତା ଓ ଅନ୍ୟମାନେ।

### ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତିଙ୍କୁ ସମ୍ବର୍ଦ୍ଧନା

ଦଶପଲ୍ଲା,୧।୨(ଡି.ଏନ୍.ଏ.)

ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ସଞ୍ଜୁ ପଣ୍ଡାଙ୍କୁ ଶନିବାର ଦଶପଲ୍ଲା କୁଆଁରିଆ ଡ୍ୟାମଠାରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଫୁଲବାଣୀ ଗସ୍ତ ସାରି ଫେରୁଥିବା ବେଳେ ପୂର୍ବାହ୍ନ ୮ଟାରେ ସେ କୁଆଁରିଆ ଡ୍ୟାମଠାରେ ପହଞ୍ଚିଥିଲେ। ଦଶପଲ୍ଲା ତହସିଲଦାର ପ୍ରମୋଦ କୁମାର ଦଳବେହେରା, ସ୍ଥାନୀୟ କୋର୍ଟର ବିଚାରପତି ମିର୍ଜା ଆସାଲାମ ବେଗ୍, ନୟାଗଡ଼ କୋର୍ଟ ରେଜିଷ୍ଟ୍ରାର ନରୋତ୍ତମ ସେଠୀ, ବନଖଣ୍ଡ ଅଧିକାରୀ ଧନ୍‌ରାଜ ଏଚ୍‌ଡି, ସବ୍‌କଲେକ୍ଟର ଲଗ୍ନଜିତ ରାଉତରାୟ, ବ୍ଲକ ବିଡିଓ ଦେବୀପ୍ରସାଦ ମହାନ୍ତି, ଥାନା ଆଇଆଇସି ବିଶ୍ୱଜିତ୍ ରାଉତରାୟ ପ୍ରମୁଖ ସେଠାରେ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଜଷ୍ଟିସ୍ ପଣ୍ଡା କୁଆଁରିଆ ବଙ୍ଗଳାଠାରେ କିଛି ସମୟ ରହିବା ପରେ କଟକ ଅଭିମୁଖେ ବାହାରିଥିଲେ।

### ଗୋକୁଳାନନ୍ଦ ପ୍ରିମିୟର ଲିଗ୍ ଟି-୨୦ କ୍ରିକେଟ: ଝଗଡ଼ପଡ଼ା ବିଜୟୀ

ଖଣ୍ଡପଡା,୧।୨(ସ୍ୱ.ପ୍ର.)

ଗୋକୁଳାନନ୍ଦ ସ୍ପୋର୍ଟସ ଆସୋସିଏଶନ ସିଧାମୂଳା ଆନୁକୂଲ୍ୟରେ ସ୍ଥାନୀୟ ଏମ୍ଇ ସ୍କୁଲ ଖେଳ ପଡିଆଠାରେ ଚାଲିଥିବା ପ୍ରିମିୟର ଲିଗ୍ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ୭ମ ଦିବସ ମ୍ୟାଚରେ ଝଗଡପଡା କ୍ରିକେଟ କ୍ଲବ ଦୁବପଲ୍ଲୀ କ୍ରିକେଟ କ୍ଲବକୁ ହରାଇ ବିଜୟୀ ହୋଇଛି । ଝଗଡପଡା ଦଳ ପ୍ରଥମେ ଟସ୍ ଜିଣି ୨୦ ଓଭରରେ ୯ ଉଇକେଟ ହରାଇ ୨୬୧ ରନ ସଂଗ୍ରହ କରିଥିଲା । ଜବାବରେ ଦୁବପଲ୍ଲୀ ଦଳ ସମସ୍ତ ଓଭରରେ ୮ ଉଇକେଟ ବିନିମୟରେ ମାତ୍ର ୧୬୩ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳର ଆଜାଦ ଖାଁ ୧୬ ବଲରେ ୪୪ ରନ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ରାଜେଶ ମହାଳିକ ଓ ହେମାନନ୍ଦ ଦାଶ ଖେଳ ପରିଚାଳନା କରିଥିଲେ । ରବିବାର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚରେ ଅଭିମାନପୁର କ୍ରିକେଟ କ୍ଲବ ସହ ବାହାଡା କ୍ରିକେଟ ଆସୋସିଏଶନ ମଧ୍ୟରେ ମୁକାବିଲା ହେବ ବୋଲି ଆୟୋଜକଙ୍କଠାରୁ ପ୍ରକାଶ ।

### ସିଧାମୂଳାରେ ଜୈବ ଉତ୍ପାଦିକା ତାଲିମ ଶିବିର

ଖଣ୍ଡପଡା,୧।୨ (ସ୍ୱ.ପ୍ର.)

ଖଣ୍ଡପଡା ବ୍ଲକ ଅନ୍ତର୍ଗତ ସିଧାମୂଳା ଗ୍ରାମରେ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଯୁଥ ଆସୋସିଏଶନ ଫର ରୁରାଲ ଡେଭଲପମେଣ୍ଟ ଓ ଗ୍ରାମ ତରଙ୍ଗର ମିଳିତ ଆନୁକୂଲ୍ୟରେ ଜୈବ ଉତ୍ପାଦିକା ତାଲିମ ଶିବିର ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମ ଗତ ୨୯ ତାରିଖଠାରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାପଡିଛି। ଏହି ୧୦ ଦିନିଆ ତାଲିମ ଶିବିରରେ ସିଧାମୂଳା ଗ୍ରାମର ଶହେଜଣ ମହିଳା ଓ ପୁରୁଷ କୃଷକ ଅଂଶ ଗ୍ରହଣ କରିଥିବା ଜଣାଯାଇଛି । ଏହି ଜୈବିକ କୃଷି ତାଲିମ ଶିବିରରେ ବସନ୍ତ କୁମାର ଗୁରୁ ତାଲିମ ପ୍ରଦାନ କରିଥିବା ବେଳେ କୃଷି ଉଦ୍ୟୋଗୀ ସହାୟକ ଚନ୍ଦ୍ର ଶେଖର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟତମ ଅତିଥି ଲକ୍ଷ୍ମୀଧର ସ୍ୱାଇଁ ଚାଷୀମାନଙ୍କ ଉନ୍ନତି ପାଇଁ ବିଭିନ୍ନ ପ୍ରକାର ଚାଷ କରି କିପରି ଅର୍ଥ ଉପାର୍ଜନ କରିପାରିବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପୂର୍ବତନ ସରପଞ୍ଚ ନିରଞ୍ଜନ ପଣ୍ଡା ଓ ପ୍ରଦୀପ ବେହେରା ପରିଚାଳନା କରିଥିଲେ।



ଶିବିରରେ ଅତିଥିଙ୍କ ସହ ଶିବିରାର୍ଥୀମାନେ।

# ଲକ୍ଷାଧିକ ଟଙ୍କାର ଶାଳକାଠ ଜବତ

ଓଡ଼ଗାଁ, ୧।୨ (ସ୍ୱ.ପ୍ର.)

ନୟାଗଡ ବନଖଣ୍ଡ ଓ ଓଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ ଶରଧାପୁର ପଞ୍ଚାୟତ ଜିରିପଡା ଗ୍ରାମରୁ ବନ ବିଭାଗ ଶନିବାର ବିପୁଳ ପରିମାଣର ଶାଳକାଠ (ସାଇଜ୍) ଜବତ କରିଛି। ଉକ୍ତ ଗ୍ରାମର କୈଳାସ ପ୍ରଧାନଙ୍କ ଘର ଛାତଉପରେ ଶାଳ କାଠ ମହଜୁଦ ରହିଥିବା ନେଇ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ନାଥ ପଣ୍ଡା ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ। ବନଖଣ୍ଡ ଅଧିକାରୀ ଧନରାଜ୍ ଏଚ୍‌ଡିଙ୍କ ନିର୍ଦ୍ଦେଶକ୍ରମେ ବନାଞ୍ଚଳ ଅଧିକାରୀ ମଧ୍ୟାହ୍ନରେ ସଦଳବଳ ଚଢାଉ କରିଥିଲେ। ଚଢାଉ ସମୟରେ ଘର ମାଲିକ ଅନୁପସ୍ଥିତ ଥିବାବେଳେ ବନ କର୍ମଚାରୀ ସେଠାରୁ ସମସ୍ତ କାଠ ଜବତ କରି ଟ୍ରାକ୍ଟର ସାହାଯ୍ୟରେ କାର୍ଯ୍ୟାଳୟକୁ ଆଣିଥିଲେ। ସମ୍ପୃକ୍ତ ଅଭିଯୁକ୍ତ ନିକଟସ୍ଥ ଜଙ୍ଗଲରୁ ଚୋରାରେ କାଠ ଆଣି କାଟିବା ପରେ ବ୍ୟବସାୟ ଉଦ୍ଦେଶ୍ୟରେ ଅନ୍ୟତ୍ର ଚାଲାଣ କରୁଥିବା ବିଭାଗୀୟ ଅଧିକାରୀ ଅବଗତ ହୋଇଥିବା ପ୍ରକାଶ କରିଛନ୍ତି। ୪୨ ସିଏଫ୍‌ଟି (୧୩୦ଖଣ୍ଡ) କାଠ ଜବତ ହୋଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ଏ ନେଇ ଘର ମାଲିକ ପ୍ରଧାନଙ୍କ ନାମରେ ୬୮/୨୦ରେ ମାମଲା ରୁଜୁ ହୋଇଥିବା ବନାଞ୍ଚଳ ଅଧିକାରୀ ପଣ୍ଡା ସୂଚନା ଦେଇଛନ୍ତି। ଚଢାଉରେ ସଦର ବନପାଳ ଜ୍ୟୋତିରଞ୍ଜନ ମାନସିଂ, ବାହାଡ଼ାଖୋଲା ବନପାଳ ସରିତା ବରାଳ, ବନପାଳ ଶୁଭେନ୍ଦୁ ପ୍ରସାଦ ନାୟକ, ବନରକ୍ଷୀ ଧରଣୀଧର ନାୟକ, ଅରବିନ୍ଦ ସାହୁଙ୍କ ସମେତ ପାଟ୍ରୋଲିଂ ବନ ସୁରକ୍ଷା ବଳ ସାମିଲ ହୋଇଥିଲେ।



ଜବତ ହୋଇଥିବା କାଠ।

### ମହିଳାଙ୍କୁ ଗାଳିଗୁଲଜ ଅଭିଯୋଗ

ବେଗୁନିଆ,୧।୨(ଡି.ଏନ୍.ଏ.)

ବେଗୁନିଆ ଥାନା ବୋଲଗଡ଼ ବ୍ଲକ ଅଞ୍ଚଳର ଜଣେ ଶିକ୍ଷକ ଜଣେ ମହିଳାଙ୍କୁ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ପୋଲିସ ଏ ସମ୍ପର୍କରେ ଏକ ମାମଲା(ନଂ.୧୭/୨୦) ରୁଜୁକରି ତଦନ୍ତ ଚଳାଇଛି। ମହିଳାଜଣଙ୍କ ଶିକ୍ଷକଙ୍କ ସମ୍ପର୍କୀୟ ଖୁଡୀ ହେବେ ବୋଲି ଜଣାପଡିଛି। ସୂଚନା ଅନୁଯାୟୀ, ପାରିବାରିକ ଶତ୍ରୁତାକୁ କେନ୍ଦ୍ରକରି ଗତ ଗୁରୁବାର ଶିକ୍ଷକ ଓ ତାଙ୍କ ପୁଅ ମହିଳାଜଣଙ୍କୁ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ ମହିଳାଜଣଙ୍କ ଥାନାର ଅଭିଯୋଗ କରିଥିଲେ। ଶିକ୍ଷକ ଜଣଙ୍କ ବୋଲଗଡ଼ ବ୍ଲକ ଅଞ୍ଚଳର ଏକ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ହୋଇଥିବା ଜଣାପଡିଛି।

# ଶିରିଡ଼ି ସାଇ ମନ୍ଦିର ବାର୍ଷିକ ଉତ୍ସବ



ଶିରିଡ଼ି ସାଇ ମନ୍ଦିର।

ଭାପୁର,୧।୨(ଡି.ଏନ୍.ଏ.)

ଭାପୁର ବ୍ଲକ ବିଜିପୁର ଶିରିଡ଼ି ସାଇ ମନ୍ଦିରର ୬ଷ୍ଠ ବାର୍ଷିକୋତ୍ସବ ଶନିବାର ଉଦ୍‌ଯାପିତ ହୋଇଛି। ୩ଦିନ ଧରି ଉତ୍ସବ ଚାଲିଥିଲା। ଗୁରୁବାର ଅଙ୍କୁରାରୋପଣ, ଯଜ୍ଞ ଆରମ୍ଭ, ଶୁକ୍ରବାର କଳସଯାତ୍ରା ଓ ସୂର୍ଯ୍ୟପୂଜା, ଶନିବାର ଯଜ୍ଞ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। ଏ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୁରୁବାର ଓ ଶୁକ୍ରବାର ରାମନାଟକ, ଶନିବାର ଭଜନ ପରିବେଷିତ ହୋଇଥିଲା। ଏହିକାର୍ଯ୍ୟକ୍ରମରେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ବ୍ଲକ ଉପାଧ୍ୟକ୍ଷ ଗୟାଧର ପରିଡ଼ା ଓ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ଯୋଗଦେଇଥିଲେ।

# ମରାମତି ହେଉନି ରାଜପଥରୁ ପୂର୍ତ୍ତ ରାସ୍ତା ସଂଯୋଗସ୍ଥଳ

ବୋଲଗଡ଼,୧।୨ (ଡି.ଏନ୍.ଏ.)

- ରାଜସୁନାଖଳା ଗଣେଶ ବଜାର
- ଭାରିଯାନ ଚଳାଚଳ ବେଳେ ଅଟକିରହୁଛି

୫୭ନଂ. ଜାତୀୟ ରାଜପଥର ରାଜସୁନାଖଳା ଗଣେଶ ବଜାର ଛକଠାରୁ ରଣପୁର ଅଭିମୁଖେ ଯାଇଥିବା ପୂର୍ତ୍ତବିଭାଗ ରାସ୍ତାର ସଂଯୋଗସ୍ଥଳ ଦୀର୍ଘଦିନ ହେଲା ମରାମତି ହୋଇପାରୁ ନାହିଁ। ଫଳରେ ଏହି ରାସ୍ତାଦେଇ ଯାନବାହନ ଚଳାଚଳ ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ଭାରିଯାନ ଯିବାବେଳେ ଉକ୍ତ ସ୍ଥାନରେ ଅଟକିରହି ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି।

ବୋଲଗଡ ବ୍ଲକ ବଡକୁମାରୀ ପଞ୍ଚାୟତର ରାଜସୁନାଖଳା ଗଣେଶ ବଜାରରେ ୫୭ନଂ. ଜାତୀୟ ରାଜପଥ ଅତିକ୍ରମ କରିଛି। ଅପରପାର୍ଶ୍ୱରେ ପୂର୍ତ୍ତ ବିଭାଗ ରାସ୍ତାଟି ଚାନ୍ଦପୁରଠାରୁ ରଣପୁର ଦେଇ ରାଜସୁନାଖଳାର ଉକ୍ତ ସ୍ଥାନରେ ରାଜପଥକୁ ସଂଯୋଗ କରିଛି । ବଜାର ଅଞ୍ଚଳ ହୋଇଥିବାରୁ ଏହି ସ୍ଥାନରେ ସର୍ବଦା ଜନଗହଳି ଲାଗିରହେ। ସଂଯୋଗ ସ୍ଥାନଟି ରାଜପଥ ପାର୍ଶ୍ୱରେ ଥିବା ଡ୍ରେନ ଉପରେ ହୋଇଥିବା ବେଳେ ଉଭୟ ପାର୍ଶ୍ୱରେ ବିଦ୍ୟୁତ୍ ଖୁଣ୍ଟ ମଧ୍ୟ ରହିଛି। ଫଳରେ ଅଧିକ ଲମ୍ବ ଥିବା ଲରିଗୁଡିକ ଯିବାବେଳେ ଅସୁବିଧାରେ ପଡିଥାନ୍ତି। ଏହାଛଡା ଏହି ସଂଯୋଗ ସ୍ଥଳରେ ରାଜପଥ ପାର୍ଶ୍ୱରେ ଡ୍ରେନ ରହିଛି। ଡ୍ରେନ ଉପରେ ସିମେଣ୍ଟ କଂକ୍ରିଟ ଢାଙ୍କୁଣି ବ୍ୟବସ୍ଥା ରହିଥିଲେ ମଧ୍ୟ ଏହା ଭାଙ୍ଗିରୁଜି ଗଲାଣି। ଏପରି କି ଢାଙ୍କୁଣୀ ଉପରି ଭାଗଟି ଉଭୟ ରାସ୍ତା ଠାରୁ ଖାଲୁଆ ହୋଗଲାଣି। ବର୍ଷ ବର୍ଷ ଧରି ଏଭଳି ଅବ୍ୟବସ୍ଥା ଲାଗିରହିଥିବାରୁ ବିଭାଗୀୟ କର୍ତ୍ତୃପକ୍ଷ ଏହାର ଆବଶ୍ୟକ ମରାମତି କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।



ଜାତୀୟ ରାଜପଥ ଅତିକ୍ରମ ସମୟରେ ଅଟକି ରହିଥିବା ଭାରିଯାନ।